ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.183 Bhubaneswar Tuesday August 29 2023 | ୨୬ତମ ବର୍ଷ ସଂଖ୍ୟା-୧୮୩ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୬୫ ହଜାର ବସ୍ତିବାସିନ୍ଦାଙ୍କୁ ମୁଖ୍ୟମନ୍ତ୍ରୀ ବାଣ୍ଟିଲେ ଜାଗା ପ୍ରମାଣପତ୍ର, ବୈଧତା ଉପରେ ପ୍ରଶ୍ନ ଉଠାଇଲା ବିଜେପି

ଭୁବନେଶ୍ୱର,୨୮।୮(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ଜାଗା ମିଶନ ଅନ୍ତର୍ଗତ ଭୁବନେଶ୍ୱର,କଟକ ସମେତ ୫ଟି ମହାନଗର ନିଗମ ଅଂଚ଼ଳରେ ଥିବା ବସ୍ତିର ମୋଟ ୬୫ହଜାର ପରିବାରକୁ ଆଜି ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହାସହିତ ୬୮ଟି ପୌରାଂଚ଼ଳର ୧୦୧୦ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବସ୍ତିବାସିନ୍ଦାଙ୍କ ପାଇଁ ଏହି ଉଭୟ ଭୂମି ଅଧିକାର ଓ ବିଜୁ ଆଦର୍ଶ କଲୋନୀର ଲୋକାର୍ପଣ କରିଛନ୍ତି । ପୂର୍ବରୁ ରାଜ୍ୟର ୧.୭୦ଲକ୍ଷ ବସ୍ତି ପରିବାରକୁ ଭୂମି ଅଧିକାର ମିଳିଥିବାବେଳେ ଆଜି ଏଥିରେ ଆଉ ୬୫ହଜାର ଯୋଡି ହୋଇଛି । ତେବେ ସହରାଂଚ଼ଳ ଗରିବ ବସ୍ତିବାସିନ୍ଦାଙ୍କ ସହ ରାଜନୀତି ନକରି ସମସ୍ତଙ୍କୁ ସରକାର ପଟ୍ଟା ଦିଅନ୍ତୁ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦାବି କରିଛନ୍ତି । ଏବେ ଏକ ଫର୍ମକୁ ପଟ୍ଟା କହି ରାଜ୍ୟ ସରକାର ବାଣ୍ଟୁଛନ୍ତି ବୋଲି ବିଜେପି କଟାକ୍ଷ କରିଛି । ଆଜି କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ




ପଟ୍ଟନାୟକ ୫ଟି ମହାନଗର ନିଗମ ଅଂଚ଼ଳର ୬୫ହଜାର ପରିବାରକୁ ଭୂମି ଅଧିକାର ପ୍ରଦାନ କରିଛନ୍ତି । ସହରର ସବୁ ଗରିବ ବସ୍ତି ପରିବାରକୁ ଜମି ଅଧିକାର ମିଳିବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି । ରାଜ୍ୟରେ ଆଉ ବସ୍ତି ରହିବନି । ସବୁ ବସ୍ତି ହେବ ଆଦର୍ଶ କଲୋନୀ । ଯାହାକି ବିଜୁ ଆଦର୍ଶ କଲୋନୀ ନାଁରେ ନାମିତ । ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଦେବାରେ ଓଡିଶା ଦେଶର ଏକମାତ୍ର ରାଜ୍ୟ ।ଜାଗା ସହ ଘର ତିଆରି କରିବା ପାଇଁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଆସନ୍ତା ଅକ୍ଟୋବର ମାସରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ପ୍ରମାଣପତ୍ର ପ୍ରଦାନ କରାଯିବ । ୨୦୧୮ ମସିହାରେ ରାଜ୍ୟ ସରକାର ଜାଗା ମିଶନ କାର୍ଯ୍ୟକ୍ରମରେ ବସ୍ତି ଲୋକମାନଙ୍କୁ ଭୂମି ଅଧିକାର ପ୍ରଦାନ କରୁଛନ୍ତି । ଆଜି ୬୫ହଜାର ପରିବାରକୁ ଭୂମି ଅଧିକାର ଓ ୪୦ହଜାର ପରିବାରକୁ ଘର ତିଆରି ପାଇଁ ସହାୟତା ଯୋଗାଇ ଦିଆଯାଇଛି । ବସ୍ତିମୁକ୍ତ ଓଡିଶା ଗଠନ ଉଦ୍ଦେଶ୍ୟରେ ଏହି ସବୁ ବସ୍ତିଗୁଡିକୁ ସମସ୍ତ ପ୍ରକାରର ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଉଛି । ଜାଗା ମିଶନ ଗରିବ ଲୋକଙ୍କୁ ସମ୍ମାନ ଓ ନୂଆ ପରିଚ଼ୟ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

ଗଞ୍ଜାମ/ଗଜପତି, ୨୮ ।୮ (ପି.ଏନ): ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଡ଼େଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଧରାକୋଟ ବ୍ଲକରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ୩୨ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି । ଯେଉଁ ସ୍ଥାନରେ ଡ଼େଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଟିମ୍ ସେଠାରେ ପହଂଚି ଲୋକଙ୍କୁ ସଚେତନ କରୁଛି। ବର୍ତ୍ତମାନ ସୁଦ୍ଧା ୧୯୩୧ ନମୂନା ପରୀକ୍ଷା କରାଯାଇଥିବା ୩୨ ଜଣଙ୍କ ରିପୋର୍ଟ ଡ଼େଙ୍ଗୁ ପଜିଟିଭ୍ ଆସିଛି । ଏମାନଙ୍କ ମଧ୍ୟରୁ ୨୪ ଜଣ ବାହାରୁ ଆସିଥିବା ବେଳେ ୮ ଜଣ ସ୍ଥାନୀୟ ଅଂଚଳରୁ ଚିହ୍ନଟ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାରେ ଗତ ବର୍ଷ ୧୬୧ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୦୨୧ ରେ ଜିଲ୍ଲାରୁ ମୋଟ୍ ୩୩୩ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୨୦ ରେ ମାତ୍ର ୯ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେହିପରି ୨୦୧୯ରେ ୩୦୭ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୦୧୮ ରେ ୧୫୫ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେହିପରି ଗଜପତି ଜିଲ୍ଲାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୪୬ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି । ତେବେ ଡ଼େଙ୍ଗୁର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଚଂଳରେ ସ୍ଥିତି ଅନୁଧ୍ୟାନ କରାଯିବା ସହ ଔଷଧ ସିଂଚନ କରାଯାଉଛି । ଘରକୁ ଘର ଯାଇ ସଚେତନତା ସୃଷ୍ଟି କରାଯାଉଛି ଏବଂ ଔଷଧ ଦିଆଯାଉଛି ବୋଲି ଗଜପତି ଜିଲ୍ଲାପାଳ ସ୍ମିତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ଯେଉଁ ଗ୍ରାମରୁ ଡ଼େଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି, ସେଠାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ଆବଶ୍ୟକୀୟ ଔଷଧ ପ୍ରଦାନ କରାଯିବା ସହ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା ତଦାରଖ କରାଯାଉଛି । ମଶା ନିପାତ ପାଇଁ ଧୂଆଁ ଛଡାଯିବା ସହ ପାଣି ଜମି ରହିଥିବା ସ୍ଥାନକୁ ସଫା କରାଯାଉଛି । ଡ଼େଙ୍ଗୁ ଲାର୍ଭା ଖୋଜି ନଷ୍ଟ କରାଯାଉଥିବା ବେଳେ ଯେଉଁ ରୋଗୀ ଆନ୍ଧ୍ରପ୍ରଦେଶ ଯାଇ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ଉପରେ ମଧ୍ୟ ନଜର ରଖାଯାଇଛି । ରାୟଗଡ଼ା ବ୍ଲକର ମଣ୍ଡଳ ସାହିରେ ମଧ୍ୟ ଜ୍ୱରରେ ଆକ୍ରାନ୍ତ ଥିବା କିଛି ଲୋକଙ୍କ ରକ୍ତନମୂନା ସଂଗ୍ରହ କରାଯାଇଛି । ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ର ସାରା ଗ୍ରାମରୁ କିଛିଦିନ ତଳେ ୨୭ ଜଣ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ଏହି ଗ୍ରାମରେ ୫୩ ଜଣ ଜ୍ୱରରେ ପୀଡ଼ିତ ଥିଲେ ମଧ୍ୟ ଗୁମ୍ମା ବ୍ଲକ ନାମନଗଡ଼ରୁ ଏକାଧିକ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ମୋହନାରୁ ମଧ୍ୟ ଡ଼େଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଛନ୍ତି । ସାରା ଗ୍ରାମ ପରେ କାଶୀନଗର ବ୍ଲକର ଜିଡ଼ିଙ୍ଗି, ଖାରଡ଼ା, ଧୋବାଜୟପୁରରୁ ମଧ୍ୟ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି ।

## ମୌସୁମୀ ଦୁର୍ବଳ; ୩ ଦିନ ବର୍ଷା ନାହିଁ

ଭୁବନେଶ୍ୱର,୨୮।୮(ପି.ଏନ): ଓଡିଶାରେ ମୌସୁମୀ ଦୁର୍ବଳ ରହିଥିବାରୁ ଆଗାମୀ ୩ ଦିନ ଧରି ବର୍ଷା ହେବାର ସମ୍ଭାବନା ନାହିଁ । ତେବେ ୩୧ ତାରିଖରେ ରାଜ୍ୟରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ସହ ବଜ୍ରପାତ ହୋଇପାରେ । ସେହିପରି ସେପ୍ଟେମ୍ବର ୧ ତାରିଖରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପାଗର ପରିବର୍ତ୍ତନ



ହେବ । କିଛି ଜିଲ୍ଲାରେ ଭଲ ବର୍ଷାର ଆଶା ଥିବା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

## କୋଲକାତା ବାଣ କାରଖାନାରେ ବିସ୍ଫୋରଣ ଘଟଣା, ଜଣେ ଗିରଫ

**କୋଲକାତା,** ୨୮ ।୮(ପି.ଏନ): କୋଲକାତାର ଉତ୍ତର ୨୪ ପ୍ରଗଣା ଦତ୍ତପୁକୁରରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଯୋଗୁ ୮ଜଣ ଲୋକଙ୍କ ମୃତ୍ୟୁ ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ହେଲେ ସଫିକ ଅଲ୍ଲୀ । ରବିବାର ବିଳମ୍ବିତ ରାତିରେ ନୀଳଗଞ୍ଜ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି । ଏଠାରେ ସୂଚନାଯୋଗ୍ୟ, ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ବାଣ କାରଖାନାର ମାଲିକ କୟାମତ ଅଲ୍ଲୀର ପାର୍ଟନର ହେଉଛି ସଫିକ୍ । ତେବେ ୩ଜଣ ବ୍ୟକ୍ତି ମିଳିତ ଭାବେଏହି କାରଖାନା ଚଳାଉଥିବା ପ୍ରାଥମିକ ତଦନ୍ତ ସମୟରେ ସୂଚନା ମିଳିଛି । ସଫିକ୍ ଓ କୟାମତ ସହ ସମସୁଲ ମଧ୍ୟ ସାମିଲ ଥିଲା ଯିଏକି ତୃଣମୂଳ କଂଗ୍ରେସର ସ୍ଥାନୀୟ ନେତା । ଏହି ବାଣ କାରଖାନାରେ ବଡ ବଡ ବୋମା ତିଆରି କରାଯାଉଥିବା ଅଭିଯୋଗ ହୋଇଛି । ଏହି କାରଖାନାରୁ ପ୍ରତି ମାସରେ ପୋଲିସକୁ ବଡ ରକମର ଚାନ୍ଦା ଦିଆଯାଉଥିଲା । ତେଣୁ ପ୍ରଶାସନ ଆଖି ବନ୍ଦ କରିବସିଥିଲା । ତେବେ ବିସ୍ଫୋରଣ ପରେ ରବିବାର ସକାଳେ ଘଟଣାସ୍ଥଳରେ ରାଜ୍ୟପାଳ ପହଞ୍ଚିଥିଲେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୮ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

**-ପ୍ରକାଶକ**

## ସୌମ୍ୟଙ୍କ ସପକ୍ଷରେ ବାହାରିଲେ ଦାମ, କହିଲେ- ଅନୁଭବ ଆତ୍ମସମୀକ୍ଷା କରନ୍ତୁ

ଭୁବନେଶ୍ୱର,୨୮।୮(ପି.ଏନ): ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସପକ୍ଷରେ ବାହାରିଛନ୍ତି ବରିଷ୍ଠ ରାଜନେତା ଦାମୋଦର ରାଉତ । ଆଉ କହିଛନ୍ତି, ସୌମ୍ୟରଞ୍ଜନ ଯାହା ଲେଖୁଛନ୍ତି, ବିଜେଡି ବିଧାୟକ ଭାବରେ ଲେଖିନାହାନ୍ତି । ଜଣେ ସମ୍ପାଦକ ହିସାବରେ ସମ୍ପାଦକୀୟ ଲେଖୁଛନ୍ତି । ତେଣୁ ଏହାକୁ ନେଇ ରାଜନୀତି କରିବା ଦରକାର ନାହିଁ । ସେପଟେ ଶ୍ରୀ ରାଉତ, ଅନୁଭବ ପଟ୍ଟନାୟକଙ୍କୁ ଆଇନା ଦେଖାଇଛନ୍ତି । ଅନୁଭବ ନିଜେ ଆତ୍ମସମୀକ୍ଷା କରନ୍ତୁ ବୋଲି ସେ କହିଛନ୍ତି । ଗଣମାଧ୍ୟମକୁ ସୂଚ଼ନା ଦେଇ ଦାମୋଦର ରାଉତ କହିଛନ୍ତି, ବିଜେଡିର ଖଣ୍ଡପଡା ବିଧାୟକ ହେଉଛନ୍ତି ସୌମ୍ୟରଞ୍ଜନ ପଟ୍ଟନାୟକ ।



କିନ୍ତୁ ସେ ଯେଉଁ ସମ୍ପାଦକୀୟ ଲେଖୁଛନ୍ତି, ତାହା ହେଉଛି ସମ୍ବାଦପତ୍ରର ସମ୍ପାଦକ ହିସାବରେ । ଗଣତନ୍ତ୍ରର ଚ଼ତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ । ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ । ତେଣୁ ସେ ଗଣମାଧ୍ୟମର ପ୍ରତିନିଧି ହିସାବରେ ସମ୍ପାଦକୀୟ ଲେଖୁଛନ୍ତି । ଖଣ୍ଡପଡା ବିଧାୟକ ଭାବେ ସେ କିଛି ଲେଖିନାହାନ୍ତି ବୋଲି ଶ୍ରୀ ରାଉତ କହିଛନ୍ତି ।

## ମିଶନ ସୂର୍ଯ୍ୟ: ଶନିବାର ହେବ ଲଞ୍ଚ, ପହଞ୍ଚିବାକୁ ଲାଗିବ ୪ ମାସ

ଭୁବନେଶ୍ୱର,୨୮।୮(ପି.ଏନ): ଚ଼ନ୍ଦ୍ରକୁ ଛୁଇଁବା ପରେ ଇସ୍‌ରୋ ଫୋକସରେ ସୂର୍ଯ୍ୟ । ଶନିବାର ଭାରତର ସୂର୍ଯ୍ୟ ଅଭିଯାନ- ଆଦିତ୍ୟ ଏଲ-୧ ଆରମ୍ଭ ହେବ । ଶନିବାର ଦିନ ୧୧.୫୦ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାରୁ PSLV C-୫୭ ଯୋଗେ ଉତକ୍ଷେପଣ ହେବ ଆଦିତ୍ୟ ଏଲ-୧ । ଏହା ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରକୁ ଯିବ । ଅର୍ଥାତ୍ ଚ଼ନ୍ଦ୍ରଯାନ-୩ ଯେତିକି ଦୂରକୁ ଯାଇଛି, ତା'ଠାରୁ ପ୍ରାୟ ୪ ଗୁଣ ଅଧିକ ବାଟ ଯିବ ଆଦିତ୍ୟ ଏଲ-୧ । ସକଳ ଶକ୍ତିର ଆଧାର ସୂର୍ଯ୍ୟ ହେଉଛି ପୃଥିବୀର ସବୁଠୁ ନିକଟତମ ନକ୍ଷତ୍ର । ତେଣୁ ସୂର୍ଯ୍ୟ ଉପରେ ଗବେଷଣାକୁ ଇସ୍‌ରୋ ଲକ୍ଷ୍ୟ ରଖିଛି । ଚ଼ନ୍ଦ୍ରଯାନ-୩ର ସଫଳତା ପରେ ଇସ୍‌ରୋ



ଏବେ ବେଶ ଉତ୍ସାହିତ ହୋଇପଡିଛି । ବିଶ୍ୱର କୌଣସି ବୈଜ୍ଞାନିକ ଯାହା କରି ପାରି ନଥିଲା, ସେକଥା ଏସ ସୋମନାଥଙ୍କ ଟିମ କରି ଦେଖାଇଛି । ଚ଼ନ୍ଦ୍ରଯାନ-୩ ଇସ୍‌ରୋର ବୈଜ୍ଞାନିକମାନେ ଚ଼ନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ସକ୍ଷମ ହୋଇଛନ୍ତି ।

## ବିଜେପିରେ ମିଶିବେ ପ୍ରଶାନ୍ତ ଜଗଦେବ: ବିଜେଡି, ଗୁମାସ୍ତାଙ୍କୁ ଖୁସି ପାଇଁ ମନଗଢ଼ା ଗପ: ବିଜେପି

ଭୁବନେଶ୍ୱର,୨୮।୮(ପି.ଏନ): ବିଜେଡିରୁ ବହିଷ୍କୃତ ଚ଼ିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୀର୍ବାଦରେ ବିଜେପିରେ ମିଶିବାକୁ ପ୍ରସ୍ତୁତ ହେଉଛନ୍ତି । ବିଜେପି ନେତାଙ୍କୁ ଆକ୍ରମଣ ଓ ଗୁଣ୍ଡାଗରଦ୍ଦି ପାଇଁ ଯେଉଁ ପ୍ରଶାନ୍ତଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା ଏବେ ତାଙ୍କୁ ବିଜେପି କୋଳେଇ ନେବାକୁ ଯାଉଛି ବୋଲି ବିଜେଡି ଅଭିଯୋଗ କରିଛି । ଆଉ ବିଜେଡି ମୁଖପାତ୍ରଙ୍କର ଏଭଳି ବୟାନ ପରେ ବିଜେପି ପ୍ରତିକ୍ରିୟାଶୀଳ ହୋଇ କହିଛି ଯେ, ନିଜ ଗୁମାସ୍ତାଙ୍କୁ ଖୁସି କରିବା ପାଇଁ ଏଭଳି କପୋଳକଳ୍ପିତ ଗପ କହୁଛି । ବିଜେଡି ମୁଖପାତ୍ରଙ୍କ ଅବସ୍ଥା ମିଛୁଆରାଧୁଆ ଭଳି ହେବ ବୋଲି ବିଜେପି କହିଛି । ତେବେ ବିଜେପିରେ ସାମିଲ ହେବା ପ୍ରସଙ୍ଗକୁ ନେଇ ବିଧାୟକ ପ୍ରଶାନ୍ତ ଜଗଦେବ ମୁହଁ ଖୋଲିନାହାନ୍ତି ।ସୂଚ଼ନା ଅନୁସାରେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବୟାନ



ଉପରେ ଟ୍ୱିଟରରେ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତଥା ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ, ସାଧାରଣ ଜୀବନରେ କୌଣସି ପ୍ରକାରର ହିଂସା ଓ ପ୍ରତିବନ୍ଧକରେ ବିଜେଡି ବିଶ୍ୱାସ କରେନି । ଯଦି ସେଭଳି କୌଣସି ଅପ୍ରୀତିକର ଘଟଣା ଘଟେ, ତେବେ ବିଜେଡି ହିଁ ପ୍ରଥମେ ଏହାକୁ ନିନ୍ଦା କରେ । ସେ ଧର୍ମେନ୍ଦ୍ରଙ୍କୁ ଗୋଟିଏ ଉଦାହରଣ ଦେଇ ଶ୍ରୀ ପାତ୍ର କହିଛନ୍ତି ଯେ, ଚ଼ିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ବାଲୁଗାଁରେ ବିଜେପିର ନଗର ମଣ୍ଡଳ ସଭାପତିଙ୍କ ଉପରେ ୨୦୨୧ ସେପ୍ଟେମ୍ବର ମାସରେ ଆକ୍ରମଣ କଲେ । ଏହି କାରଣ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ସଙ୍ଗେସଙ୍ଗେ ଦଳରୁ ନିଲମ୍ବନ କଲେ । ପରେ ତାଙ୍କୁ ଦଳରୁ ବହିଷ୍କାର କରାଗଲା । ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୀର୍ବାଦ ଓ ତାଙ୍କୁ ବାରମ୍ବାର ଭେଟିଥିବା ଯୋଗୁ ଏବେ ସେହି ଜଗଦେବ ଫୁଲମାଳ ପକାଇ ବିଜେପିରେ ମିଶିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ତେଣୁ ଓଡିଶାବାସୀଙ୍କ ଆଗରେ ବିଜେପି କେଉଁଭଳି ଉଦାହରଣ ସୃଷ୍ଟି କରିବାକୁ ଚ଼ାହୁଁଛି ବୋଲି ବିଜେଡି ମୁଖପାତ୍ର ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି ।

## ନର୍କକୁଣ୍ଡ ପାଲଟିଛି ସମୁଦ୍ରକୂଳ : ଡ଼େଙ୍ଗୁ ଆଶଙ୍କା

ପୁରୀ, ୨୮ ।୮(ପି.ଏନ): ପୁରୀ ସମୁଦ୍ରକୂଳରେ ଯାଇଥିବା ଡ୍ରେନ ଗୁଡ଼ିକ ସଫା ହେଉନଥିବା ବେଳେ ବାଲି ଜାମ ହୋଇ ଡ୍ରେନ ପାଣି ରାସ୍ତା ଓ ସମୁଦ୍ରକୂଳ ବାଲିରେ ଭାସୁଛି । ଦିଗବାରେଣୀ ଖୁଂଟ ଠାରୁ ସ୍ୱର୍ଗଦ୍ୱାର ନୂଆ ଚୈତନ୍ୟ ଛକ ପର୍ଯ୍ୟନ୍ତ ଡ୍ରେନ ଅବସ୍ଥା ସାଂଘାତିକ ହୋଇଛି । ପୁରୀ ବିଚ୍‌କୁ ପରିଷ୍କାର ପରିଚ୍ଛନ୍ନ ରଖୁଛି କହି ପ୍ରଚାର ପ୍ରସାର କରାଯାଉଥିବା ବେଳେ ପ୍ରକୃତ ଦୃଶ୍ୟ ତାର ଅଲଗା ରହିଛି ।

## ନୂଆଗୁଡ଼ା ସାହି ରାସ୍ତା ଖରାପ ଯୋଗୁ : ଯାଇପାରିଲା ନାହିଁ ଆମ୍ବୁଲାନ୍ସ, ଖଟରେ ବୁହା ହେଲେ କିଡନୀ ରୋଗୀ

ମାଲକାନଗିରି, ୨୮ ।୮(ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ତାଣ୍ଡବାଇ ପଂଚାୟତ ଅନ୍ତର୍ଗତ ଏମ୍ ଭି ୭୯ ଗ୍ରାମ ର ନୂଆଗୁଡ଼ା ରେ ବାସ କରନ୍ତି ଅନାବୁ ସୁନା, ତିନି ପୁଅ ତିନି ବହୁ,୫ ଜଣ ନାତି ନାତୁଣୀ ଏବଂ ସ୍ତ୍ରୀ ଅବନ୍ତି ସୁନା (୪୫) । ଅବନ୍ତି ଙ୍କ ଦୁଇ କିଡନୀ ପ୍ରାୟ ପାଂଚ ମାସ ହେଲା ଖରାପ ହୋଇଯାଇଛି । ଗତ ୩ମାସ ହେଲା ସେ ମାଲକାନଗିରି ଜିଲ୍ଲା ମୁଖ୍ୟଚିକିତ୍ସାଳୟ ରେ ୨୪ ଥରରୁ ଅଧିକ ଥର ଡ଼ାଇଲେ ସିସ କରାଯାଇଛି । ଆଜି ଦେହ ଅଧିକ ଅସୁସ୍ଥ ହେବାରୁ ମାଲକାନଗିରି ଚିକିତ୍ସାଳୟ ନିଆଯିବା ଆବଶ୍ୟକ ହୋଇପଡ଼ିଲା । କିନ୍ତୁ ଗ୍ରାମ ରୁ ପ୍ରାୟ ଅଧା କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହିଯାଇଥିଲା । କାରଣ ନୂଆଗୁଡ଼ା ଗ୍ରାମ ରାସ୍ତାରେ ରହିଥିବା ଜମି ଚାଷ ହୋଇଥିବାରୁ ଆମ୍ବୁଲାନ୍ସ ଆସିପାରିଲା ନାହିଁ । ଶେଷରେ ଗ୍ରାମବାସୀ ଅବନ୍ତିଙ୍କୁ ଖଟରେ ଶୁଆଇ ଆମ୍ବୁଲାନ୍ସ ପାଖରେ ଆଣିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସାହି ବାସୀମାନେ ବାରମ୍ବାର ପ୍ରଶାସନକୁ ରାସ୍ତା ବିଷୟରେ ଅବଗତ କରେଇ ଥିଲେ ମଧ୍ୟ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ଆଖିଦେଖା କାର୍ଯ୍ୟାନୁଷ୍ଠାନ କରିନଥିବା ନୂଆଗୁଡା ସାହି ବାସି ଅଭିଯୋଗ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ୪୫ ପରିବାରରେ ରହୁଥିବା ମୋଟ ୨୦୦ ଲୋକ ଙ୍କ କଥା ପ୍ରଶାସନ କେବେ ଶୁଣିବ ।

## ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଆକ୍ରମଣ ପ୍ରସଙ୍ଗରେ ଭୟଭୀତ ଓ ଅସୁରକ୍ଷିତ ବିଜୁ ଜନତା ଦଳ ଔଷଧ ବିକଳରେ ତାଟିଆ କାମୁଡୁଛି: ଡ.ଲେଖାଶ୍ରୀ

ଭୁବନେଶ୍ୱର, ୨୮ ।୮(ପି.ଏନ): ଗଣତନ୍ତ୍ରରେ ପ୍ରତିବାଦର ବି ଗୋଟିଏ ପରିଧି ରହିଛି । ସାମ୍ବିଧାନିକ ବିଦ୍ଧି ବ୍ୟବସ୍ଥାରେ ପ୍ରତିବାଦ କରିବାର ଅଧିକାର ଅଛି । କିନ୍ତୁ ପ୍ରାୟୋଜିତ ଭାବରେ ଲୋକ ଲଗାଇ ବିଶେଷ ଭାବରେ ମହିଳାମାନଙ୍କୁ ଲଗାଇ ଟେକା ପଥର ଫିଙ୍ଗିବା, ଅଣ୍ଡା ମାଡ କରିବା, ଅସମ୍ମାନ କରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏହା କେବେ ବି ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ । ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ । ଓଡିଶାସାରା ଜନପ୍ରତିନିଧିମାନଙ୍କୁ ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଉଛି । ଜନପ୍ରତିନିଧି ଏବଂ ଜନତାଙ୍କ ମତକୁ ନ୍ୟୁନ ଦେଖେଇବା ପାଇଁ ପ୍ରଚେଷ୍ଟା ଚାଲିଛି । ଗତକାଲି ଭୁବନେଶ୍ୱର ସାଂସଦଙ୍କ ଉପରେ ଶାସକ ବିଜେଡିର ପ୍ରାୟୋଜିତ ଆକ୍ରମଣ ଅତ୍ୟନ୍ତ ଲଜ୍ଜାଜନକ । ଏହି ଆକ୍ରମଣ ସମ୍ପୂର୍ଣ୍ଣ ଭାବରେ ବିଜୁ ଜନତା ଦଳ ଏବଂ ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ପ୍ରାୟୋଜିତ । ଓଡିଶାରେ ମା'ଙ୍କୁ ସମ୍ମାନ ଏବଂ ମହିଳା ସଶକ୍ତିକରଣର ନାରା ଦେଉଥିବା ବିଜୁ ଜନତା ଦଳ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କର ମୁଖା ସମ୍ପୂର୍ଣ୍ଣ ଭାବେ ଖୋଲିଯାଇଛି । ଏହାକୁ ଭାରତୀୟ ଜନତାପାର୍ଟି ଘୋର ନିନ୍ଦା କରୁଛି ବୋଲି ରାଜ୍ୟ ଉପସଭାନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।ଗୋଟିଏ ପଟେ ମା'ଙ୍କୁ ସମ୍ମାନ ଓ ମହିଳା ସଶକ୍ତିକରଣର ନାରା ଦେଉଥିବା ବେଳେ ଆଉ ଗୋଟିଏ ପଟେ ମହିଳା ଏବଂ ଗୁଣ୍ଡାମାନଙ୍କୁ ଲଗାଇ ଜନ ପ୍ରତିନିଧିମାନଙ୍କୁ ଆକ୍ରମଣ କରୁଛନ୍ତି । ଏହା ବିଜୁଜନତା ଦଳ ଓ ରାଜ୍ୟ ସରକାରଙ୍କର ଦୋ ମୁହାଁ ନୀତିକୁ ପଦାରେ ପକାଇଛି । ମୁଖ୍ୟମନ୍ତ୍ରୀ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ଅହିଂସାର କଥା କୁହନ୍ତି ସେହି ଶାସକ ଦଳ ତାଙ୍କ ମୁଖିଆଙ୍କ ପ୍ରରୋଚନାରେ ଅନ୍ୟ ଦଳ ସହ ନିଜ ଦଳର ପ୍ରତିନିଧି ମାନଙ୍କ ପ୍ରତି ମଧ୍ୟ ହିଂସାତ୍ମକ ଆଚରଣ କରିବାକୁ ପଛାଉନାହାଁନ୍ତି । ଏହା ହେଉଛି ବିଜୁ ଜନତା ଦଳର ଭୟ ଓ ଅସୁରକ୍ଷିତ ମନୋଭାବର ପ୍ରତିଫଳନ ବୋଲି ଡ.ଲେଖାଶ୍ରୀ କହିଛନ୍ତି ।ବିଜୁ ଜନତା ଦଳ ୨୩ବର୍ଷ ଶାସନ କଲା ପରେ ବି ଓଡିଶାରେ ତାଙ୍କର ଟ୍ରାକ୍ ରେକର୍ଡ ଅତ୍ୟନ୍ତ ଖରାପ ସ୍ଥିତିରେ ପହଁଚିଛି । ଓଡିଶାବାସୀ ଶାସକ ବିଜେଡି ବିରୁଦ୍ଧରେ ବିକ୍ଷୋଭ କରୁଛନ୍ତି । ୨୩ବର୍ଷର ବିଫଳତାର ବୋଝ ଉପରେ ବସି ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ବର୍ତ୍ତମାନ ରକ୍ତ ଚାଉଳ ଚୋବାଉଛନ୍ତି । ଭୟଭୀତ ଓ ଅସୁରକ୍ଷିତ ବିଜୁ ଜନତା ଦଳ ବର୍ତ୍ତମାନ ଔଷଧ ବିକଳରେ ତାଟିଆ କାମୁଡୁଛି ଏବଂ ଜନପ୍ରତିନିଧିଙ୍କ ଉପରେ ସୁଝାଉଛନ୍ତି ବୋଲି ଡ.ଲେଖାଶ୍ରୀ କହିଛନ୍ତି ।

## ମୋଦିଙ୍କୁ ଫୋନ କଲେ ପୁଟିନ, କହିଲେ- ଭାରତ ଯିବେ ଆମ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ,୨୮।୮(ପି.ଏନ): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରି ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଜି-୨୦ ସମ୍ମିଳନୀରେ ଯୋଗ ଦେଇପାରିବେ ନାହିଁ ବୋଲି କହିଛନ୍ତି । ଆସନ୍ତା ୯ ଓ ୧୦ ତାରିଖ ଦିଲ୍ଲୀରେ ଜି-୨୦ ବୈଠକ ହେବ ।ଏଥିପାଇଁ ଜି-୨୦ ରାଷ୍ଟ୍ରର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ହେଲେ ପୁଟିନ ନିଜର ଅକ୍ଷମତା ପ୍ରକାଶ କରି ମୋଦିଙ୍କୁ ଏ ବାବଦରେ ଆଗୁଆ ଜଣାଇ ଦେଇଛନ୍ତି । ସେ ନ ଆସିଲେ ମଧ୍ୟ ରୁଷର ବୈଦେଶିକ ମନ୍ତ୍ରୀ ସେରଗେୟ ଲାଭରୋଭ ଦିଲ୍ଲୀ ଆସି ସମ୍ମିଳନୀରେ



ସାମିଲ ହେବେ ବୋଲି ପୁଟିନ ଫୋନରେ ମୋଦିଙ୍କୁ କହିଛନ୍ତି ।ଏ ସମ୍ପର୍କରେ ପିଏମଓ ପକ୍ଷରୁ ସୂଚ଼ନା ଦିଆଯାଇଛି । ଏଥିରେ ଆହୁରି କୁହାଯାଇଛି ଯେ ଗତ ସପ୍ତାହରେ ବ୍ରିକ୍ସ ସମ୍ମିଳନୀ ବେଳେ ନେତାମାନେ ପରସ୍ପର ସହ ଦ୍ୱିପାକ୍ଷିକ,ଆଞ୍ଚଳିକ ଓ ବିଶ୍ୱର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମଧ୍ୟ କଥା ହୋଇଥିଲେ ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୨୯

# ଦେହର ଯତ୍ନ


ଇଂ.ସଚ୍ଚିଦାନନ୍ଦ ନନ୍ଦ

ଡାକ୍ତରମାନେ ସ୍ୱୀକାର କରନ୍ତି ଯେ କୁଖାଦ୍ୟ ଖାଇବାର ଅଭ୍ୟାସ ଓ ଅସଙ୍ଗତ ଭାବରେ ଅବସର କାଟିବା ରୋଗର କାରଣ। ମାତ୍ର ସେମାନେ ବୋଧହୁଏ ଜାଣନ୍ତି ନାହିଁ ଯେ 'ଖାଦ୍ୟ' ବହୁ ପ୍ରକାରର ଖାଦ୍ୟ ସାମଗ୍ରୀକୁ ବୁଝାଏ। ଇନ୍ଦ୍ରିୟ ମାନଙ୍କ ମାଧ୍ୟମରେ ଯେଉଁସବୁ ଅନୁଭୂତି ସଂଗ୍ରହ କରାଯାଏ, ସେ ସବୁ ମଧ୍ୟ ଖାଦ୍ୟ, ଆଉ ସେ ସମସ୍ତ ଖାଦ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଆମେ ବେଳେ ବେଳେ 'ଚିନ୍ତାର ଖୋରାକ' ବୋଲି କହିଥାଉ। ଆମେ ଯାହା ଶୁଣୁ, ଯାହା ଦେଖୁ, ଯାହା ଶୁଙ୍ଘୁ ବା ଯାହା ସ୍ପର୍ଶ କରୁ ସେ ସବୁ ଶରୀର ଉପରେ ଭଲ ବା ମନ୍ଦ ପ୍ରଭାବ ପକାଇଥାନ୍ତି। କେତେ ଲୋକ ରକ୍ତ ଦେଖୁ ଦେଖୁ ମୂର୍ଚ୍ଛା ହୋଇଯାଆନ୍ତି। ଗୋଟିଏ ଦୁଃସମ୍ବାଦ ମଧ୍ୟ ଅନେକଙ୍କୁ ଖୁବ୍ ଆଘାତ ଦେଇଥାଏ। ଅରୁଚିକର ଗନ୍ଧ କିମ୍ବା କୌଣସି ଅବାଞ୍ଛିତ ପଦାର୍ଥକୁ ସ୍ପର୍ଶକଲା ମାତ୍ରେ ଶରୀରରେ ରୋମାଞ୍ଚ (ଆଲର୍ଜି) ଜାତ ହୋଇଥାଏ ଏବଂ ଶରୀର ତାହା ସହି ପାରେନା। ସୁସ୍ଥ ମନର ଫଳ ହେଉଛି ସୁସ୍ଥ ଶରୀର ଏବଂ ସୁସ୍ଥ ଶରୀରର ପ୍ରକାଶ ହେଉଛି ସୁସ୍ଥ ମନ। ଏ ଦୁଇଟି ଯାକ ପରସ୍ପର ଉପରେ ନିର୍ଭରଶୀଳ। ଆମେ ଯେଉଁ ଖାଦ୍ୟ ଖାଉ ତାହା ସୁସ୍ୱାଦୁ, ପ୍ରାଣଶକ୍ତି ଯୁକ୍ତ ଓ ରୁଚିକର ହେବା ଦରକାର। ଏହା ଖୁବ ରାଗ ବା ଖୁବ୍ ଲୁଣିଆ ହେବା ଉଚିତ ନୁହେଁ। ଏଥିରେ ଗୋଟିଏ ସମାନୁପାତ ରହିବା ଦରକାର। ଏହା ଉତ୍ତେଜନା କିମ୍ବା ଆଳସ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ରାଜସିକ ଖାଦ୍ୟ ପ୍ରବୃତ୍ତିକୁ ଉତ୍ତେଜିତ କରାଏ। ତାମସିକ ଖାଦ୍ୟ ଆଳସ୍ୟ ଓ ନିଦ୍ରା ଜାତ କରାଏ। ସାତ୍ତ୍ୱିକ ଖାଦ୍ୟ ଦିଏ ତୃପ୍ତି। ଗୀତାରେ 'ଯୁକ୍ତାହାର ବିହାରସ୍ୟ' ବା ସଂଯତ ଆହାର ବିହାର କଥା କୁହାଯାଇଛି। ଖାଦ୍ୟର ସ୍ଥୁଳ ରୂପ ମଳ ଆକାରରେ ଦେହରୁ ବାହାରିଯାଏ, ସୂକ୍ଷ୍ମ ରୂପ ମାଂସପେଶୀ ଓ ରକ୍ତର ପରିଣତ ହୁଏ। ଖାଦ୍ୟର ସୂକ୍ଷ୍ମତମ ଅଂଶ ମାନସିକ କ୍ରିୟାକଳାପରେ ରୂପାନ୍ତରିତ ହୁଏ। ସେଥିପାଇଁ ମଣିଷ ମଧ୍ୟରେ ଆଧ୍ୟାତ୍ମିକ ଅଭୀପ୍ସା ସୃଷ୍ଟି କରିବା ତଥା ପ୍ରତିକୂଳ ପ୍ରବୃତ୍ତିମାନଙ୍କର ପ୍ରତିବିଧାନ କରିବା ନିମନ୍ତେ ମୁନିଋଷିମାନେ ଖାଦ୍ୟପେୟରେ କେତୋଟି ସଂଯମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ଦେହକୁ ଯତ୍ନ ଓ କୋମଳତାର ସହ ପାଳନ କରିବାକୁ ହେବ। ଏହା ଈଶ୍ୱରଙ୍କର ଗୋଟିଏ ଅତି ମୂଲ୍ୟବାନ ଉପହାର। ଉନ୍ନତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏହା ଗୋଟିଏ ଅତି ଜଟିଳ ଓ ସୁସଂଗଠିତ ଯନ୍ତ୍ର। ଏହାର ବାହ୍ୟ ରୂପକୁ ମଧ୍ୟ ସୁପରିଚ୍ଛନ୍ନ ଓ ପବିତ୍ର ରଖିବା ଦରକାର। ଆନନ୍ଦ ନାମକ ଫଳଟିର ଚୋପା ହେଲା ଏ ଦେହ। ଏ ଦେହର ମାଂସ, ପେଶୀ, ହାଡ଼ ଓ ନାଡ଼ୀଗୁଡ଼ିକ ଫଳଟିର ସୁମିଷ୍ଟ ଶସ। ମଣିଷ ଜୀବନରେ ମିଶି ରହିଥିବା ଦୁର୍ଗୁଣ, ଦୁର୍ମତି ସବୁ ଫଳର ଅଖାଦ୍ୟ ଟାଣ ମଞ୍ଜି। ଆଉ ଯେଉଁ ରସ ପାଇଁ ଗଛଟିକୁ ଲଗାଯାଇଛି ତାହା ହେଲା ଦିବ୍ୟାନନ୍ଦ। ଚରିତ୍ର ଉତ୍ତମ ହେଲେ ଶରୀର ମଧ୍ୟ ଶୋଭାଯୁକ୍ତ ହୁଏ। ଏହାର ଶୋଭା ଓ ରମଣୀୟତାକୁ ବଞ୍ଚାଇ ରଖେ ମାନବ ସେବା ଓ ଈଶ୍ୱର ଆରାଧନା। ଆଗକାଳରେ ପ୍ରକୃତି ଫଳ, ମୂଳ, ପତ୍ର, ବିଶ୍ରାମ, ବାସଗୃହ ପରିବର୍ତ୍ତନ, ଖାଦ୍ୟ ନିୟନ୍ତ୍ରଣ, ସାଧନା ଆଦି ମଧ୍ୟରେ ଯେଉଁ ସରଳ ସ୍ୱାଭାବିକ ପ୍ରତିକାର କରୁଥିଲା ସେଥିରେ ସବୁ ରୋଗ ଭଲ ହୋଇଯାଉଥିଲା। ମାତ୍ର ଆଜି ମଣିଷ ବଟିକା ଓ ଇଞ୍ଜେକସନ୍ ଯୁଗରେ ବାସ କରୁଛି। କେବେହେଲେ ଭାବ ନାହିଁ ଯେ ଡାକ୍ତରମାନେ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ବା ରକ୍ଷଣ କରୁଛନ୍ତି କିମ୍ବା ଔଷଧ ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ପ୍ରଦାନ କରୁଛି। ତାହାହେଲେ ତ ମୃତ ଲୋକେ ବି ଜୀବନ ପାଇସାରନ୍ତେଣି। ପରୀକ୍ଷା କରି ଦେଖ, ଡାକ୍ତରମାନେ ଅନ୍ୟକୁ ଯେଉଁ ଉପଦେଶ ଦେଉଛନ୍ତି, ସେମାନେ ନିଜେ ତାହା ପାଳନ କରୁଛନ୍ତି କି ନାହିଁ। ଯେଉଁ ଅଭ୍ୟାସ ଛାଡ଼ିବା ପାଇଁ ସେମାନେ ଅନ୍ୟକୁ ଉପଦେଶ ଦିଅନ୍ତି, ସେମାନେ ନିଜେ ସେଇ ଦୁରଭ୍ୟାସର ଅଧୀନ। ସେମାନେ କହନ୍ତି ଧୂମପାନ ଓ ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷରେ ଅହିତକର, ମାତ୍ର ସେମାନେ ଏ ଦୁଇଟିଯାକର ବଶବର୍ତ୍ତୀ ହୋଇ ନିଜେ ନିନ୍ଦା କରୁଥିବା ଦୁରଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥାନ୍ତି ମାତ୍ର। ଆମ ମାନଙ୍କର ଆଜି ଏହି ପ୍ରକାରର ସ୍ୱାସ୍ଥ୍ୟ ପରାମର୍ଶଦାତା ଅଛନ୍ତି। ଆଧ୍ୟାତ୍ମିକ, ନୈତିକ, ଆର୍ଥିକ, ରାଜନୈତିକ, ସାହିତ୍ୟିକ, ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ନାୟକର ଅଭାବ ହିଁ ସଂସାରର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଉଦ୍‌ବେଗ, ଭୟ ଓ ଯନ୍ତ୍ରଣାର ମୂଳ କାରଣ। ତୁମେମାନେ ଦିବ୍ୟାତ୍ମାସ୍ୱରୂପ। ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ସ୍ୱୀକୃତି ପାଇବା ଲାଗି ବ୍ୟାକୁଳ ହୁଅନାହିଁ ବରଂ ଈଶ୍ୱରଙ୍କ କୃପା ଲାଭ ପାଇଁ ଆକାଂକ୍ଷା କର। ଏହି ଲକ୍ଷ୍ୟ ପୂରଣ ଦିଗରେ ଯେତେ ବାଧାବିଘ୍ନ ଆସିଲେ ବି ହତୋତ୍ସାହ ହୁଅନା, ବାଟବଣା ହୁଅନା।

ଅଲିଶା ବଜାର, କଟକ,
ଦୂରଭାଷ : ୯୩୩୭୨୪୨୯୫୫

# କ୍ରୀଡ଼ା ଓ ଜାତୀୟତା


ବାଦଲ ଭୂୟାଁ

ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି। ଧ୍ୟାନଚାନ୍ଦ ଜଣେ ମହାନ ଜାତୀୟତାବାଦୀ ଓ ଜାତିକ୍ରମରେ ଉଦ୍‌ବୁଦ୍ଧ ବ୍ୟକ୍ତିଥିଲେ। ଜାତୀୟତା ଭାବପ୍ରସାରଣରେ କ୍ରୀଡ଼ା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ ଏହାକୁ ମର୍ମେ ମର୍ମେ ଅନୁଭବ କରି ହକି ଖେଳକୁ ଜାତୀୟ ଭାବନା ଓ ପ୍ରାଣର ସ୍ପନ୍ଦନରୂପେ ଉଦ୍‌ଜୀବିତ କରିପାରିଥିଲେ । ଧ୍ୟାନଚାନ୍ଦଙ୍କ ଦେଶାତ୍ମବୋଧର ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି ଯେ, କ୍ରୀଡ଼ା ହେଉଛି ଏପରି ଏକ ବୈଭବ ଓ ପ୍ରବୃତ୍ତି, ଯାହା ପ୍ରତ୍ୟେକ ବ୍ୟକ୍ତିକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଅନୁପ୍ରାଣିତ କରିବା ସହ ବିଭିନ୍ନ ଦେଶ ଓ ବିଭିନ୍ନ ଜାତି ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନାର ଏକ ସଂଯୋଗ ସେତୁ ଭାବେ କାର୍ଯ୍ୟ କରେ । କୁହାଯାଏ ଯୁଦ୍ଧ ବ୍ୟତୀତ ଆଉ କୌଣସି କଥା ସମଗ୍ର ଦେଶକୁ ଏକତାର ଡୋରୀରେ ବାନ୍ଧି ପାରୁଥାଏ ତାହା ହେଉଛି କ୍ରୀଡ଼ା। ସମ୍ଭବତଃ ସେଥିପାଇଁ ଅଲମ୍ପିକ୍ କ୍ରୀଡ଼ାକୁ ବିନା ଅସ୍ତ୍ରରେ ବିଶ୍ୱଯୁଦ୍ଧର ଆଖ୍ୟା ଦିଆଯାଏ । କ୍ରୀଡ଼ା ମାଧ୍ୟମରେ ଯୁବଶକ୍ତି ନିଜ ଶକ୍ତି ଓ ସାମର୍ଥ୍ୟକୁ ସତ୍‌ମାର୍ଗରେ ଉପଯୋଗ କରିବା ସହ ଭବିଷ୍ୟତର ସୁସ୍ଥ ଜୀବନ ପାଇଁ ମୂଳଦୁଆ ପକାଇଥାଏ । ଜଣେ ଉନ୍ନତ କ୍ରୀଡ଼ାବିତ୍ ଗଢ଼ିବା ପାଇଁ ପିଲାବେଳୁ ଭିତ୍ତିଭୂମି ପଡ଼ିଥାଏ । କିନ୍ତୁ କ୍ଷୋଭର ପ୍ରସଙ୍ଗ ସରକାରୀସ୍ତରରେ କ୍ରୀଡ଼ାକୁ ସେପରି ପ୍ରୋତ୍ସାହନ ମିଳିନଥାଏ । ଦେଖାଯାଉଛି ପ୍ରତି ବର୍ଷ କ୍ରୀଡ଼ା ବଜେଟ୍‌ରେ ସେପରି କିଛି ପ୍ରୋତ୍ସାହନ ମୂଳକ କିମ୍ବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଯୋଜନା ରହିନଥାଏ । ପରିତାପର ବିଷୟ ଆମ ଦେଶରେ ଆଜି ପର୍ଯ୍ୟନ୍ତ କ୍ରୀଡ଼ାକୁ ଆମେ ଜୀବନର ମୁଖ୍ୟ ସ୍ରୋତରେ ସାମିଲ କରିପାରୁନାହୁଁ। ସ୍ୱାଧୀନତା ପୂର୍ବରୁ ଏବଂ ପରବର୍ତ୍ତୀ ଷାଠିଏ ଦଶକ ପର୍ଯ୍ୟନ୍ତ ହକି କ୍ରୀଡ଼ାରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚମ୍ପିଆନ ଥିଲୁ । ଏବଂ ଏହି ସଫଳତାର ଆଦ୍ୟଜନକ ଥିଲେ ସ୍ୱର୍ଗତଃ ଧ୍ୟାନଚାନ୍ଦ । କୁହାଯାଏ ଯେ, ତତ୍‌କାଳୀନ ଜର୍ମାନର ଏକଛତ୍ରବାଦୀ ଶାସକ ଧ୍ୟାନଚାନ୍ଦଙ୍କର ଅପୂର୍ବ କ୍ରୀଡ଼ା କୌଶଳରେ ଆତ୍ମହରା ହୋଇ ତାଙ୍କୁ ଜର୍ମାନ ସେନାର ସର୍ବୋଚ୍ଚ ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ଇଚ୍ଛାବ୍ୟକ୍ତ କରିଥିଲେ । କିନ୍ତୁ ଦେଶପ୍ରେମୀ ଧ୍ୟାନଚାନ୍ଦ ବିନମ୍ରତାର ସହ ଏହି ଉପହାରକୁ ପ୍ରତ୍ୟାଖାନ କରିଥିଲେ । ସଂଯୋଗ ବଶତଃ ସେହିଦିନଟି ଥିଲା ୧.୦୯.୧୯୩୬ ମସିହାର ଅଗଷ୍ଟ ପନ୍ଦର ତାରିଖ ଓ ତାହାର ଏଗାର ବର୍ଷ ପରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତିଲାଭ କରି ସ୍ୱାଧୀନ ରାଷ୍ଟ୍ର ଭାବରେ ପରିଚିତ ହୋଇଥିଲା। ସଂପ୍ରତି ଲୋକପ୍ରିୟ କ୍ରିକେଟ ଖେଳପରି ହକି କିମ୍ବା ଫୁଟବଲ ଖେଳ ସେପରି ଲୋକପ୍ରିୟତା ପାଇପାରୁନାହିଁ । କାରଣ କ୍ରିକେଟ ଖେଳପରି ପ୍ରାଚୀନ ହକି ଖେଳକୁ ସେପରି ପ୍ରୋତ୍ସାହନ ଓ ସମର୍ଥନ ମିଳୁନାହିଁ। ସଂପ୍ରତି ଅଲମ୍ପିକ କ୍ରୀଡ଼ା ଏକ ମହାନ ଗଣଆନ୍ଦୋଳନରେ ପରିଣତ । ପ୍ରତ୍ୟେକ କ୍ରୀଡ଼ାବିତ୍‌ର ମନର କେଉଁ ଏକ ନିଭୃତ କୋଣରେ ଅଲମ୍ପିକ୍‌ରେ ଏହି ପଦକ ହାସଲ କରିବାର ଦୁର୍ବାର ଆକାଂକ୍ଷା ଲୁଚି ରହିଥାଏ । ଏହାର କାରଣ ହେଉଛି ଏହା ସମଗ୍ର ଜାତି ସମକ୍ଷରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ । ଏହାର ବଳିଷ୍ଠ ଉଦାହରଣ ହେଉଛି ୧୯୬୦ରେ ରୋମ୍ ଅଲମ୍ପିକ ପୁରୁଷ ହକି ଫାଇନାଲରେ ଭାରତ ତାର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଠାରୁ ପରାସ୍ତ ହୋଇଥିଲା । ସମଗ୍ର ପାକିସ୍ତାନ ଉତ୍ସବମୁଖର ହୋଇପଡ଼ିଥିବାବେଳେ ଭାରତୀୟଙ୍କ ମନରେ ପରାଜୟର ଗ୍ଲାନି ଛାଇ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୬୪ରେ ଟୋକିଓ ଅଲମ୍ପିକରେ ଏହାର ପ୍ରତିଶୋଧ ନେଇ ଭାରତ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ସେହିପରି ସୋଭିଏତ୍ ଗଣରାଜ୍ୟର ପତନ ହେବାପରେ ଚାଇନା ନିଜକୁ ଆମେରିକାର ସଫଳ ପ୍ରତିଦ୍ୱନ୍ଦ୍ୱୀଭାବେ ଗଢ଼ି ତୋଳିବାକୁ ପ୍ରୟାସ ଜାରି ରଖିଛି । କ୍ରୀଡ଼ାର ସଫଳତା ଏବଂ କ୍ରୀଡ଼ା ବିକାଶ ପାଇଁ ଯାହା ସବୁଠାରୁ ଅଧିକ ପ୍ରୟୋଜନୀୟ ତାହା ହେଉଛି ଏକ ସ୍ୱଚ୍ଛ ଓ ସଂସ୍କୃତି ସମ୍ପନ୍ନ କ୍ରୀଡ଼ା ସଂସ୍କୃତିର ଅଭ୍ୟୁଦୟ । ଯାହାଦ୍ୱାରାକି କ୍ରୀଡ଼ା ଆମ ଜୀବନଧାରାରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଯାହାଦ୍ୱାରା ଭାରତ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ । ତେଣୁ ଏ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟଙ୍କ ଏକ ଗୁରୁଦାୟିତ୍ୱ ରହିଛି ଆମର ଜାତୀୟତା, ଐକ୍ୟବଦ୍ଧତାକୁ ପ୍ରମାଣିତ କରିବାର ପ୍ରକୋଷ୍ଠ ସମୟ ପହଞ୍ଚିଛି କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିବା ସହ ବଣମଲ୍ଲୀପରି ପ୍ରତିଭା ଥାଇବି ଛୋଟ ଛୋଟ କ୍ରୀଡ଼ାବିତ୍ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱ ସମସ୍ତଙ୍କର । ଖୁସିର କଥା କିଛି ବେସରକାରୀ ଓ ସମାଜସେବୀ ସଂଗଠନ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ କ୍ରୀଡ଼ାପ୍ରତି ଶ୍ରଦ୍ଧା ଓ ଆନ୍ତରିକ ରଖିବା ସହ ଶୁଭ କଲ୍ୟାଣ କରିବା ଦାୟିତ୍ୱ ବି ସମସ୍ତଙ୍କର ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ରାକ୍ଷୀ ବନ୍ଧନର ମହତ୍ତ୍ୱ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଚାରୋଟି ପବିତ୍ର ପୂର୍ଣ୍ଣମା ତିଥି (ଦୋଳ ପୂର୍ଣ୍ଣମା, ଗହ୍ମା ବା ରାକ୍ଷୀ ପୂର୍ଣ୍ଣମା, କୁମାର ପୂର୍ଣ୍ଣମା ଓ ରାସପୂର୍ଣ୍ଣମା) ପ୍ରମୁଖ ଗଣପର୍ବ ରୂପେ ପ୍ରତିବର୍ଷ ପାଳିତ ହୁଏ । ସେ ଗୁଡ଼ିକ ମଧ୍ୟରେ ଶ୍ରାବଣ ମାସର ପୂର୍ଣ୍ଣମା ବା ଗହ୍ମା ପୂର୍ଣ୍ଣମା ଅନ୍ୟତମ । ଏହି ପୂର୍ଣ୍ଣମାକୁ ରାକ୍ଷୀ ପୂର୍ଣ୍ଣମା ମଧ୍ୟ କୁହାଯାଏ । କାରଣ ରାକ୍ଷୀ ବନ୍ଧନ ପର୍ବ ସର୍ବତ୍ର ଶ୍ରଦ୍ଧା, ସ୍ନେହ ଓ ପ୍ରେମର ସହ ପାଳିତ ହୁଏ । ଏହି ସ୍ମରଣୀୟ ପର୍ବ କେଉଁ ଦିନଠାରୁ ପାଳିତ ହୋଇ ଆସୁଛି ସଠିକ ଭାବରେ ପୁରାଣ ଶାସ୍ତ୍ରରେ ଉଲ୍ଲେଖିତ ହୋଇ ନଥିଲେ ହେଁ ଏହା ବହୁ ପ୍ରାଚୀନ । ଏହି ପୂର୍ଣ୍ଣମା ଦିନ ପୁରୁଷମାନେ ସେମାନଙ୍କ ଡାହାଣ ହାତରେ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଛି । ଏହି ରକ୍ଷା ବନ୍ଧନ ପ୍ରଥା ପ୍ରଥମେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ପ୍ରଚଳିତ ହେବାର ସୂଚନା ପୁରାଣରେ ଉଲ୍ଲେଖିତ ହୋଇଛି । ପୌରାଣିକ ତଥ୍ୟ ଅନୁସାରେ ପ୍ରାଚୀନ କାଳରେ ଥରେ ଦେବ ଓ ଦାନବମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଲା ଏବଂ ଏହି ଯୁଦ୍ଧ ବାର ବର୍ଷ ଧରି ଚାଲିଥିଲା । ପ୍ରଥମେ ଦେବତାମାନେ ଯୁଦ୍ଧରେ ପରାଜିତ ହୋଇ ରଣଭୂମି ଛାଡ଼ି ପଳାୟନ କଲେ । ଇନ୍ଦ୍ରରାଜା ଅମରାବତୀ ନାମକ ତୀର୍ଥରେ ଆତ୍ମଗୋପନ କରି ରହିଲେ । ତାପରେ ଦେବଗୁରୁ ବୃହସ୍ପତିଙ୍କ ଶରଣାପନ୍ନ ହୋଇ ଯୁଦ୍ଧର ପରିଣାମ ବିଷୟରେ ଆଲୋଚନା କଲେ । ଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଇନ୍ଦ୍ରରାଜା ଓ ତାଙ୍କ ପତ୍ନୀ ଇନ୍ଦ୍ରାଣୀ ଯଜ୍ଞ କଲେ ଏବଂ ଯଜ୍ଞକର୍ମ ସମାପିତ ହେବା ପରେ ଇନ୍ଦ୍ରାଣୀ ଦେବତାମାନଙ୍କ ରକ୍ଷା ନିମିତ୍ତ ଅଭିମନ୍ତ୍ରିତ ବ୍ରତସୂତ୍ରକୁ ନେଇ ଇନ୍ଦ୍ରଙ୍କ ଡାହାଣ ହାତରେ ବାନ୍ଧି ଦେଲେ । ଏହାପରେ ଇନ୍ଦ୍ର ପୁନଶ୍ଚ ଯୁଦ୍ଧକ୍ଷେତ୍ରକୁ ଫେରି ଅସୁରମାନଙ୍କ ସହିତ ଯୁଦ୍ଧ କଲେ ଏବଂ ଶେଷରେ ଅସୁରମାନଙ୍କୁ ନିପାତ କରି ବିଜୟ ଲାଭ କଲେ । ଫଳରେ ସମସ୍ତେ ରକ୍ଷାସୂତ୍ରର ହମତ୍ତ୍ୱକୁ ହୃଦୟଙ୍ଗମ କରି ସେହିଦିନ ଠାରୁ ଏହି ରକ୍ଷାବନ୍ଧନ ପର୍ବ ଶ୍ରାବଣ ପୂର୍ଣ୍ଣମା ଦିନ ପାଳିତ ହୋଇ ଆସୁଛି । ଦେବତାମାନଙ୍କ ଠାରୁ କ୍ରମେ ମର୍ତ୍ତ୍ୟରେ ରକ୍ଷାବନ୍ଧନ ଆରମ୍ଭ ହେଲା । ଦେବଲୋକରେ ନିଜ ପତ୍ନୀ ନିଜ ସ୍ୱାମୀଙ୍କ ଡାହାଣ ହାତରେ ରକ୍ଷାବନ୍ଧନ ଡୋରି ବାନ୍ଧିଥିଲା ବେଳେ ମର୍ତ୍ତ୍ୟରେ ଭଉଣୀ ତାର ଭାଇ ହାତରେ ପବିତ୍ର ରକ୍ଷୀକୁ ବାନ୍ଧିଥାଏ । ଶ୍ରାବଣ ପୂର୍ଣ୍ଣମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଡ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମିତ୍ତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ୍ୟ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ । ଏହି ପବିତ୍ର ରାକ୍ଷୀବନ୍ଧନ ପର୍ବ ସହିତ ଆଉ ଏକ ଐତିହାସିକ ଘଟଣା ଯୋଡ଼ି ହୋଇ ରହିଛି । ଭାରତରେ ମୋଗଲ ଶାସନ ଅମଳରେ ଅନେକ ମୁସଲମାନ ବ୍ୟକ୍ତି ହିନ୍ଦୁ ରମଣୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ତେଣୁ ଆମ ଦେଶର ସମ୍ଭ୍ରାନ୍ତ ବଂଶୀୟ ମହିଳାମାନେ ସେମାନଙ୍କ ସୁରକ୍ଷା ନିମିତ୍ତ ବଳବାନ ରାଜା ଓ ବାଦଶାହାଙ୍କ ସହିତ ରାକ୍ଷୀ ବନ୍ଧନ ସୂତ୍ରରେ ଭାତୃତ୍ୱ ସମ୍ବନ୍ଧ ସ୍ଥାପନ କରୁଥିଲେ । ସେହିଭଳି ମେବାରର ରାଣା ସଂଗ୍ରାମ ସିଂହଙ୍କ ମୃତ୍ୟୁ ପରେ ଦିଲ୍ଲୀର ମୋଗଲ ବାଦଶାହା ଚିତୋର ଦୁର୍ଗ ଆକ୍ରମଣ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ମାତ୍ର ଚିତୋର ଗଡ଼ର ସାହସିକା ଓ ବୀରା ରାଣୀ କର୍ଣ୍ଣବତୀ ଏହା ଜାଣି ସେ ସମୟରେ ମୋଗଲ ବାଦଶାହ ହୁମାୟନଙ୍କ ପାଖକୁ ପବିତ୍ର ରାକ୍ଷୀ ପଠାଇ ଚିତୋର ଦୁର୍ଗକୁ ରକ୍ଷା କରିଥିଲେ । ହୁମାୟନ୍ ଜଣେ ମୁସଲମାନ ଶାସକ ହେଲେ ହେଁ ହିନ୍ଦୁପରମ୍ପରା ଓ ବିଶ୍ୱାସକୁ ସମ୍ମାନ ଦେଇ ରାକ୍ଷୀ ବନ୍ଧନର ମହତ୍ତ୍ୱ ଅବସରରେ ଚିତୋର ଦୁର୍ଗ ଆକ୍ରମଣରୁ ବିରତ ରହିଲେ । ଶ୍ରାବଣ ମାସ ପୂର୍ଣ୍ଣମା ତିଥିରେ ଭଗବାନ ବଳରାମଙ୍କ ଜନ୍ମ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ସେ ଭଗବାନ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ଜଗନ୍ନାଥ ସଂସ୍କୃତିରେ ବଳରାମଙ୍କୁ ବଳଭଦ୍ର ନାମରେ ପୂଜା କରାଯାଇଥାଏ। ବାସୁଦେବଙ୍କ ଔରସରୁ ରୋହିଣୀଙ୍କ ଗର୍ଭରୁ ବଳରାମ ଜାତ ହୋଇଥିବାରୁ ପୁରାଣରୁ ଜଣାଯାଏ। ଓଡ଼ିଶାରେ ଗହ୍ମା ପୂର୍ଣ୍ଣମା ଦିନ ବଳରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥାଏ। ବଳରାମଙ୍କ ବିବାହ ରେବତ ରାଜାଙ୍କ କନ୍ୟା ରେବତୀଙ୍କ ସହ ହୋଇଥିଲା। ତାଙ୍କର ଦୁଇ ପୁତ୍ର ଥିଲେ ନିଶଠ ଏବଂ ଉଲ୍ମୁକ। ବଳରାମ ଥିଲେ ଭଗବାନ ବିଷ୍ଣୁଙ୍କ ସେବକ ଶେଷନାଗଙ୍କ ଅବତାର। ସେ ହଳଧର, ହଳାୟୁଦ୍ଧ, ସଂକର୍ଷଣ ଆଦି ନାମରେ ମଧ୍ୟ ପ୍ରସିଦ୍ଧ। ବଳରାମଙ୍କ ପରାକ୍ରମ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା ରହିଛି। ଗଦା ଯୁଦ୍ଧରେ ସେ ପ୍ରବୀଣ ଥିଲେ। ଦୁର୍ଯ୍ୟୋଧନ ତାଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଲାଭ କରିଥିଲେ। ବଳରାମ ଅନେକ ଥର ଜରାସନ୍ଧକୁ ଯୁଦ୍ଧରେ ହରାଇ ଦେଇଥିଲେ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବକୀ ଏବଂ ବସୁଦେବଙ୍କ ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ହାତରେ ମଥୁରା ରାଜା କଂସ ମୃତ୍ୟୁବରଣ କରିବ ବୋଲି ଆକାଶବାଣୀ ହେଲା। ଏହି ଆକାଶବାଣୀ ଶୁଣିବା ପରେ କଂସ ନିଜ ଭଉଣୀ ଦେବକୀ ଏବଂ ଭିଣୋଇ ବସୁଦେବଙ୍କୁ ନେଇ କାରାଗୃହରେ ବନ୍ଦୀ କଲା। ସମୟରେ କ୍ରମେ ଦେବକୀଙ୍କର ଛଅଜଣ ସନ୍ତାନଙ୍କୁ କଂସ ତଳେ କଚାଡ଼ି ମାରିଦେଲା। ଷଷ୍ଠ ଗର୍ଭରେ ବଳରାମ ଜନ୍ମ ହେବାର ଥିଲା। ତେବେ ସେ ଜନ୍ମ ନେବା ପୂର୍ବରୁ ଶ୍ରୀହରି ବିଷ୍ଣୁ ଯୋଗମାୟାଙ୍କ ସହାୟତାରେ ଦେବକୀଙ୍କ ଗର୍ଭରୁ ବଳରାମଙ୍କୁ ନେଇ ରୋହିଣୀଙ୍କ ଗର୍ଭରେ ସ୍ଥାପନ କଲେ। ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରାଯାଇଥିବାରୁ ବଳରାମଙ୍କ ନାମ ଶଙ୍କର୍ଷଣ ହେଲା। ବଳରାମଙ୍କ ବିବାହ ରେବତୀଙ୍କ ସହିତ ହୋଇଥିଲା। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ରେବତୀଙ୍କ ଉଚ୍ଚତା ୨୧ ହାତ ଥିଲା। ବଳରାମ ନିଜ ହଳ ସାହାଯ୍ୟରେ ରେବତୀଙ୍କୁ ଟାଣି ଛୋଟ କରିଦେଇଥିଲେ। ଏହାପରେ ଦୁହିଁଙ୍କ ବିବାହ ହୋଇଥିଲା। ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ମଠ ମନ୍ଦିରରେ ବିଶେଷକରି କୃଷ୍ଣ-ବଳରାମ ମନ୍ଦିରରେ ଓ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାନୀତି ହୋଇଥାଏ। ଏହି ଦିନ ଅଗଣିତ ଆଶ୍ରିତମାନେ ସଂଧ୍ୟା ସମୟରେ ବଳଭଦ୍ରଙ୍କ ପବିତ୍ର ଦର୍ଶନ ପୂର୍ବକ ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି। ବର୍ତ୍ତମାନର ଯୁଗପୁରୁଷୋତ୍ତମ କଲ୍‌କୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ତାଙ୍କ ସାନ ଭଉଣୀ ମଧ୍ୟ ରାକ୍ଷୀ ବାନ୍ଧି ଦେଉଥିଲେ। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ତୁମେ ମୋତେ ରାକ୍ଷୀ ବାନ୍ଧିଲ, ମୁଁ ଭାଇ ହିସାବରେ ତୁମକୁ ରକ୍ଷା କରିବି। ଶ୍ରାବଣ ପୂର୍ଣ୍ଣମା ବା ଗହ୍ମା ପୂର୍ଣ୍ଣମା ଏକ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସନ୍ତକ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣମୀ ଦିନ ସେମାନଙ୍କ ଗୋରୁଗାଈ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର , ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ୍ତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଅନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

ସହ-ପ୍ରତିରତ୍ନିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କିମ୍ବଦନ୍ତୀ ପୁରୁଷ ଧ୍ୟାନଚାନ୍ଦ


ଗୋପୀନାଥ ଦାଶ

ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି । ଧ୍ୟାନଚାନ୍ଦ ଏକ ଏଭଳି ନାମ ଯାହାକୁ ସ୍ମୃତି ଓ ଆବେଗରେ ବନ୍ୟା ସୃଷ୍ଟିକରେ ସେ ସମୟରେ ହକି ଦୁନିଆରେ ସର୍ବାଗ୍ରେ ଥିଲେ ସେ ତାଙ୍କୁ ହକିର ନ୍ୟନାମ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିଲେ ହକିର ଯାଦୁକର, ସେ ହକି ଇତିହାସର କିମ୍ବଦନ୍ତୀ ପୁରୁଷ, ସେ ଥିଲେ ନାୟକ କେବଳ ଦେଶର ନୁହେଁ ସାରା ବିଶ୍ୱର ବହୁ ଦେଶର ରାଜରାସ୍ତା ହୋଇଥିଲା ତାଙ୍କ ନାମରେ ଏବଂ ବହୁ ପ୍ରତିମୂର୍ତ୍ତୀ ମଧ୍ୟ ଶୋଭା ପାଉଛି ବିଦେଶରେ, କିନ୍ତୁ ଭାରତ ସରକାର ବିଳମ୍ବରେ ଜାଗ୍ରତ ହୋଇଥିଲେ ଅର୍ଥାତ୍ ତାଙ୍କ ମୃତ୍ୟୁର ୧୫ ବର୍ଷ ପରେ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହରାଓ ଘୋଷଣା କରିଥିଲେ ୧୯୯୫ ମସିହା ଅଗଷ୍ଟ ୨୯ ତାରିଖରୁ ଆମର ଜାତୀୟ କ୍ରୀଡ଼ା ଦିବସ ରୂପେ। ହକି ଦୁନିଆରେ ବହୁ ମଜାଦାର କଥା ଧ୍ୟାନଚାନ୍ଦଙ୍କ ବିଷୟ ଶୁଣିଥାଉ, ୧୯୩୬ ମସିହାର କଥା ବର୍ଲିନ ଅଲମ୍ପିକ ଷ୍ଟାଡ଼ିୟମରେ ନାହିଁ ନଥିବା ଭିଡ଼ ସେହି ଫାଇନାଲ ମ୍ୟାଚରେ ଉପସ୍ଥିତ ରହି ଗୁରୁତ୍ୱ ବଢ଼ାଇ ଥିଲେ ଜର୍ମାନୀର ଚାନ୍‌ସେଲର ତଥା ନାଜିଦଳର ନେତା ଆଡ଼ଲଫ ହିଟଲର ଏବଂ ତାଙ୍କ ପାରିଷଦ ବର୍ଗ । ଭାରତୀୟ ଦଳ ଫାଇନାଲ ଖେଳିବା ପାଇଁ ବହୁ ଦୂରରୁ ଜଳଯାତ୍ରା କରି ପହଞ୍ଚିଥାଏ ଜର୍ମାନୀରେ ଏବଂ ଲକ୍ଷ୍ୟ ଥାଏ ହାଟ୍ରିକ ଚମ୍ପିୟାନ ଏହା ପୂର୍ବରୁ ଭାରତ ଦ୍ୱିତୀୟ ଲଗାତର ସ୍ୱର୍ଣ୍ଣ ପଦକ ପାଇସାରିଥାଏ । ଗତାନୁଗତିକ ପ୍ରଥାରେ ଖେଳ ଆରମ୍ଭ ହୋଇଥାଏ ହଠାତ୍ ଦର୍ଶକଙ୍କ ସନ୍ଦେହ ଓ ଅଭିଯୋଗକୁ ଗ୍ରହଣ କରି କ୍ରୀଡ଼ା ପରିଚାଳକ ଖେଳକୁ ବନ୍ଦ କରି ସେହି ମହାନ ଖେଳାଳିଙ୍କ ହକିଷ୍ଟିକଟିକୁ ପରୀକ୍ଷା କଲେ କେଉଁଠାରେ ଚୁମ୍ବକ ଲାଗିଅଛି କୌଣସି ଅନିୟମିତତା ନପାଇ ମଧ୍ୟ ଧ୍ୟାନଚାନ୍ଦଙ୍କ ହକିଷ୍ଟିକଟିକୁ ବଦଳାଇ ନୂଆ ଷ୍ଟିକ ଦିଆଗଲା, ପେନ ବଦଳାଇଲେ କ'ଣ ଅକ୍ଷର ଅସୁନ୍ଦର ହୋଇଯାଏ ଭଳି ପୂର୍ବ ଭଳି ଖେଳି ଚାଲିଲେ ଧ୍ୟାନଚାନ୍ଦ, ଏହି ମ୍ୟାଚରେ ଭାରତ ୪-୧ରେ ଜର୍ମାନୀକୁ ପରାସ୍ତ କରି ଚମ୍ପିୟାନ ହେଲା, ଅଭିଯୋଗକାରୀଙ୍କ ମ୍ୟାନତା ହେଲା ସେହି ମହାନ ଖେଳାଳୀଙ୍କ ଆଗରେ ସେ ସମୟ ଦୁର୍ଦ୍ଧର୍ଷ ପୁରୁଷ ହିଟଲର ଓହ୍ଲାଇ ଆସିଥିଲେ ସାଧାରଣ ଉତ୍ତର ଥିଲା ନାମ ଧ୍ୟାନଚାନ୍ଦ ସିଂହ କାର୍ଯ୍ୟ ଭାରତୀୟ ସେନାରେ ସାଧାରଣ ସୈନିକ, ହିଟଲର ଅନୁରୋଧ କରିଥିଲେ ଜର୍ମାନୀ ସୈନ୍ୟରେ ଯୋଗଦେବାପାଇଁ କିନ୍ତୁ ଦେଶଭକ୍ତ ଧ୍ୟାନଚାନ୍ଦ ସରଳ ଭାବରେ ମନା କରି ଦେଇଥିଲେ ପରେ ହିଟଲର ଲୋଭ ଦେଖାଇଥିଲେ ଜେନେରାଲ ପଦ ଦେବାକୁ କିନ୍ତୁ ସଚ୍ଚା ଭାରତୀୟ ଭାବେ ଏହାକୁ ମଧ୍ୟ ଗ୍ରହଣ କରିନଥିଲେ । ଧ୍ୟାନଚାନ୍ଦ ଜନ୍ମ ହୋଇଥିଲେ ୧୯୦୫ ମସିହା ଅଗଷ୍ଟ ୨୯ ତାରିଖରେ ଏକ ରାଜପୁତ ପରିବାର ପ୍ରୟାଗର ଉତ୍ତର ପ୍ରଦେଶରେ ତାଙ୍କ ଜନ୍ମ ପରେ ସ୍ଥାନାନ୍ତର ହୋଇଥିଲେ ଝାନ୍‌ସିକୁ, ଧ୍ୟାନଚାନ୍ଦ ସେଠାରେ ବାଲ୍ୟଜୀବନ ଅତିବାହିତ କରିଥିଲେ, ସେ ୧୬ ବର୍ଷ ବୟସରେ ପାଠ ପଢ଼ି ଯୋଗ ଦେଇଥିଲେ ଭାରତୀୟ ସେନାରେ । କିମ୍ବଦନ୍ତୀ ପୁରୁଷ ଭାରତୀୟ ସେନାରେ ଯୋଗ ଦେବା ଏକ ସଂଯୋଗ ଥିଲା । ତାଙ୍କ ପିତା ଥିଲେ ଜଣେ ହକି ଖେଳାଳି, ଏକ ମ୍ୟାଚ ଦେଖାଇବାକୁ ସାଙ୍ଗରେ ନେଇ ଯାଇଥିଲେ ତାଙ୍କ ପିତା ସେ ମ୍ୟାଚରେ ସ୍ଥାନୀୟ ଦଳ ୨ଟି ଗୋଲରେ ପଛାଇଥିଲେ । ଧ୍ୟାନଚାନ୍ଦ ଆଗ୍ରହ କରିଥିଲେ ସ୍ଥାନୀୟ ଦଳ ସାଙ୍ଗରେ ଖେଳିବା ପାଇଁ କିନ୍ତୁ ପିତା ବାରଣ କରୁଥିଲେ ଛୋଟ ପିଲାଟିର ସାହାସ ଓ ଆଗ୍ରହ ଦେଖି ପାଖରେ ଜଣେ ସେନା ସାହାସ ଓ ଆଗ୍ରହ ଦେଖି ପାଖରେ ଜଣେ ସେନା ଅଫିସର ଗୋଟିଏ ଖେଳାଳି ବଦଳରେ ଖେଳାଇବାର ସୁଯୋଗ ଦେଇଥିଲେ ଧ୍ୟାନସିଂହଙ୍କୁ ସେ ୨ଟି ଗୋଲ ଦେଇ ମ୍ୟାଚଟିକୁ ସମାନସ୍ତରକୁ ନେଇ ଆସିଲେ ଏବଂ ଶେଷରେ ସେ ଦଳକୁ ଜିତାଇ ଦେଲେ, ଏଥିରେ ଖୁସି ହୋଇ ସେହି ସର୍ବକନିଷ୍ଠ ଖେଳାଳିଙ୍କୁ ସେନାରେ ଯୋଗ ଦେବାରେ ସୁଯୋଗ ମିଳିଲା । ସେହି ବୀଜଟି ରୋପଣ ପରେ ଖାଦ୍ୟସାର ଯୋଗାଇ ଦେଇଥିଲେ ସୁବେଦାର ମେଜର ବୋଲେ ତିୱାରି ବ୍ରାହ୍ମଣ ରେଜିମେଣ୍ଟର, ବହୁ ଶୀଘ୍ର ଖେଳରେ ପରିପକ୍ୱ ଦେଖାଇଥିଲେ ଧ୍ୟାନଚାନ୍ଦ, ସେ ରାତିରେ ଏକୁଟିଆ ଘଣ୍ଟା ଘଣ୍ଟା ଧରି ଖେଳୁଥିଲେ ଷ୍ଟାଡ଼ିୟମ ଭିତରେ ସେଥିପାଇଁ ଅଫିସରମାନେ କହୁଥିଲେ ଧ୍ୟାନ ହେଉଛନ୍ତି ରାତ୍ରିର ଚାନ୍ଦ ବା ଜହ୍ନ । ୧୯୨୬ ମସିହାରେ ଭାରତର ୧ମ ବିଦେଶଗ୍ରସ୍ତ ନ୍ୟୁଜିଲାଣ୍ଡ ଦେଶକୁ ସେଠାରେ ୨୦ଟି ମ୍ୟାଚରୁ ୧୮ଟିରେ ବିଜୟ ୧ଟି ଡ୍ର, ୧ଟି ସେ ସମୟର କ୍ରୀଡ଼ାର ସମସ୍ତ ବୃହତ ପୁରସ୍କାର ପାଇଥିଲେ, ତାଙ୍କର ସେବା ପାଇଁ ପଦ୍ମ ବିଭୂଷଣ ପୁରସ୍କାର ମଧ୍ୟ ପାଇଥିଲେ । ସେହି ମହାନ ପୁରୁଷ ୧୯୭୯ ମସିହା ଡ଼ିସେମ୍ବର ୩ ତାରିଖରେ ଦେହତ୍ୟାଗ କରିଥିଲେ । ସ୍ପେନରେ ଏକ ଧ୍ୟାନଚାନ୍ଦଙ୍କ ୬ଟି ହାତଥିବା ପ୍ରତିମୂର୍ତ୍ତୀ ସ୍ଥାପନ ହୋଇଛି । କାରଣ ଜଣେ ୨ ହାତ ଥିବା ସାଧାରଣ ଖେଳାଳି ତାଙ୍କ ଭଳି ଡିବ୍ଲିଂ କରିବା ଅସମ୍ଭବ ଥିଲା । ଆମଷ୍ଟର ଡ୍ୟାମ୍ପ ଅଲମ୍ପିକ ପରେ ସେଠାରେ ଏକ ରାସ୍ତା ଧ୍ୟାନଚାନ୍ଦଙ୍କ ନାମରେ ନାମିତ ହୋଇଥିଲା । ତାଙ୍କର ଯୋଗ୍ୟ ପୁତ୍ର ଅଶୋକ କୁମାର ପାରିବାରିକ ପେସାକୁ ଗ୍ରହଣ କରି ଅଲମ୍ପିକ ଓ ବିଶ୍ୱକପ ବିଜୟ ହୋଇଥିଲା ଭାରତ । ଅଶୋକ କୁମାର ଏହି ଫାଇନାଲ ମ୍ୟାଚରେ ବିଜୟ ସୂଚକ ଗୋଲ ଦେଇଥିଲେ । ଧ୍ୟାନଚାନ୍ଦଙ୍କ ଦୁଇ ନାତୁଣୀ ନେହା ସିଂ ଏବଂ ପ୍ରିୟା ସିଂ ଭାରତୀୟ ମହିଳା ହକି ଦଳରେ ଖେଳିଥିଲେ । ତାଙ୍କର ଆଉ ଜଣେ ନାତି ଗୌରବ ଧ୍ୟାନଚାନ୍ଦ ହକି କ୍ଲବ ଗଠନ କରିଥିଲେ ଯେଉଁ କ୍ଲବରେ ସାରାବିଶ୍ୱରେ ଖେଳାଳି ସଭ୍ୟ ଅଛନ୍ତି । ଏବେବି ସେହି ପ୍ରବାଦପୁରୁଷ ଆମ ମାନଙ୍କ ନିକଟରେ ବିଦ୍ୟମାନ ତାଙ୍କୁ ଶତକୋଟି ପ୍ରଣାମ ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

# ପିଲାଦିନର କ୍ରୀଡ଼ା


ବିପିନ ବିହାରୀ ରାଉତ

ଟୋକିଓ ଅଲମ୍ପିକ୍ସ ପରେ ପୁଣି ଥରେ ନୀରଜ ଚୋପ୍ରା ବିଶ୍ୱ ଜାଭେଲିନ ଥ୍ରୋରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହ ଦେଶ ପାଇଁ ରଚିଛନ୍ତି ନୂଆ ଇତିହାସ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ନୀରଜଙ୍କ ଏହି ସଫଳତାରେ କୋଟି କୋଟି ଭାରତୀୟ ଏକ ପ୍ରକାର ଆନନ୍ଦ ଉପଲବ୍ଧି କରିଛନ୍ତି। ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି । ଭାରତ କେଉଁ ଖେଳରେ ବିଶ୍ୱ ଚମ୍ପିଆନ ବୋଲି ପଚାରିଲେ ଚଟ୍ କିନା ଉତ୍ତର ଆସିବ କ୍ରିକେଟରେ । କିନ୍ତୁ ଭାରତ ମଧ୍ୟ କବାଡ଼ି ଖେଳରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚମ୍ପିଆନ୍ । କବାଡ଼ି କଥା ଏଇଥି ପାଇଁ ଆମ ମନକୁ ଆସେନା ଯେ ଏହା ଏକ ଗ୍ରାମୀଣ ଖେଳ । କ୍ରିକେଟ ତ ଏବେ କି ଗ୍ରାମ କି ସହର ସବୁଠାରେ ଲୋକଙ୍କ ମନକୁ ଆଚ୍ଛନ୍ନ କରି ରଖିଛି । କିନ୍ତୁ କ୍ରିକେଟ ପରେ ହକି, ଫୁଟବଲ୍, ଭଲିବଲ୍ ବା ବାସ୍କେଟବଲ ଭଳି ଖେଳ କଥା ଆମେ କହିବା କିନ୍ତୁ କବାଡ଼ିକୁ ଭୁଲିଯିବା । ଗ୍ରାମୀଣ କ୍ରୀଡ଼ା ଭଳି ଗ୍ରାମସ୍ତରର ଖେଳାଳିମାନେ ମଧ୍ୟ ଉଦାସୀନତାର ଶିକାର ହୁଅନ୍ତି । ସତ କହିଲେ ସହର ଅପେକ୍ଷା ଗ୍ରାମରେ କ୍ରୀଡ଼ା ପ୍ରତିଭାଙ୍କ ସଂଖ୍ୟା ଅଧିକ । ଗାଁ ପିଲାମାନେ ସ୍ୱାଭାବିକ ଭାବେ ଖେଳାଳି । କିନ୍ତୁ ସେମାନେ କ୍ୱଚିତ ଜିଲ୍ଲା, ରାଜ୍ୟ ବା ଜାତୀୟ ସ୍ତରକୁ ଉଠନ୍ତି ବା ଲୋକଲୋଚନକୁ ଆସନ୍ତି । ସେଇଭଳି କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବାକୁ ପ୍ରୋତ୍ସାହନ ଦେବାକୁ ତଥା ଗ୍ରାମ ସ୍ତରରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ କରିବା ସକାଶେ ୨୦୦୮ ମସିହାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଛି ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ । ପିୱାଇକେକେଏ ବା ପିକା ଏହି ଅଭିଯାନରେ ୨୦୧୮ ସୁଦ୍ଧା ଭାରତର ଅଢ଼େଇ ଲକ୍ଷ ଗ୍ରାମ ପଞ୍ଚାୟତ ଏବଂ ୬୪୦୦ ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବ । ୨୦୧୨ ସୁଦ୍ଧା ଏହି ଅଭିଯାନରେ ୫୧,୭୬୯ଟି ଗ୍ରାମ ପଞ୍ଚାୟତ ଏବଂ ୧୫୩୮ଟି ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇ ସାରିଛି । ଏହି ଅଭିଯାନରେ ଗ୍ରାମ, ଜିଲ୍ଲା ରାଜ୍ୟ ଓ ଜାତୀୟ ସ୍ତରର ଗ୍ରାମୀଣ କ୍ରୀଡ଼ା ଟୁର୍ନାମେଣ୍ଟର ଆୟୋଜନ ସକାଶେ ଶତପ୍ରତିଶତ କେନ୍ଦ୍ରୀୟ ଅର୍ଥ ସାହାଯ୍ୟ ଦିଆଯାଉଛି । ଗ୍ରାମରେ ଖେଳପଡ଼ିଆର ବିକାଶ, ପଞ୍ଚାୟତ ସ୍ତରରେ କ୍ରୀଡ଼ାଶ୍ରୀ ଭାବେ ସମ୍ମାନିତ ଖେଳାଳିମାନଙ୍କ ସକାଶେ ଅର୍ଥ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ । ତେବେ ଅନେକ ରାଜ୍ୟରେ ଏହି କାର୍ଯ୍ୟକ୍ରମ ପଛରେ ପଡ଼ିଥିବାରୁ ୨୦୨୨ର ଲକ୍ଷ୍ୟ ପୂରଣ ସକାଶେ ପିକା ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ଓ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି । ଏ କ୍ଷେତ୍ରରେ ସିକିମ ଏକ ଭଲ ଦୃଷ୍ଟାନ୍ତ ଭାବେ ନିଜକୁ ସାବ୍ୟସ୍ତ କରିଛି । ୨୦୦୮ରୁ ୨୦୧୨ ଭିତରେ ସିକିମକୁ ୬.୮୭କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆସାରିଲାଣି । ଗତ ଅଗଷ୍ଟ ମାସରେ ସିକିମ୍ ପାଇଥିଲା ୨.୫୧ କୋଟିର ଅନୁଦାନ । ଏଥିରେ ରାଜ୍ୟର ୭୦ଟି ଗ୍ରାମ ପଞ୍ଚାୟତ ଓ ୩୫ଟି ବ୍ଲକ ପଞ୍ଚାୟତରେ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିଗତ ବିକାଶ ଅଣାଯିବା ଠାରୁ ଆରମ୍ଭ କରି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ, ଚିହ୍ନଟ ଓ ଟୁର୍ଣ୍ଣାମେଣ୍ଟ ଆୟୋଜନ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଶ୍ୱସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ଭାରତର ପ୍ରଦର୍ଶନ ନିରାଶାଜନକ ହୋଇ ରହିଆସିଛି । ଯଦି ଗ୍ରାମୀଣ ସ୍ତରରୁ କ୍ରୀଡ଼ାକ୍ଷେତ୍ରରେ ଭିତ୍ତିଭୂମି ଗତ ବିକାଶ ଓ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ଠିକଣା ଭାବେ ପରିଚାଳିତ କରାଯାଏ, ତେବେ ତାହା ନିଶ୍ଚିତ ଭାବେ ଭାରତର ପ୍ରଦର୍ଶନକୁ ଉଚ୍ଚତର ସୋପାନକୁ ନେଇ ପାରିବ । ସେଇ ମର୍ମରେ ପିକା ଏକ ସୁନ୍ଦର ପ୍ରୟାସ । ତେବେ ଲକ୍ଷ୍ୟ ପୂରଣ ସକାଶେ ସବୁ ରାଜ୍ୟ ଆଗଭର ହୋଇ କେନ୍ଦ୍ରର ଏ କାର୍ଯ୍ୟକ୍ରମକୁ ସଫଳ କରିବା ଦରକାର ।ଏହା ସ୍ୱାଭାବିକ କଥା ଦିନ ଥିଲା ବାଗୁଡ଼ି ଠାରୁ ଫୁଟବଲ, କବାଡ଼ି ଠାରୁ ଭଲିବଲ ପରି ଖେଳର ଢ଼େର ଆଦର ଥିଲା । ଯାହାକି ସଂପ୍ରତିର ବସ୍ତୁବାଦୀ ଜୀବନରେ ଆଉ ଦେଖିବାକୁ ମିଳୁନାହିଁ । ବିଦେଶୀ ଖେଳକୁ ସ୍ୱଦେଶୀ ଢ଼ାଞ୍ଚାରେ ପୁରାଇ ବାହାଦୁରି ନେଉଥିବା ତଥାକଥିତ କ୍ରିକେଟ ଆଜି ସମସ୍ତଙ୍କୁ ବାୟା କରୁଥିବା ବେଳେ କ୍ରିକେଟିୟରମାନେ କୋଟିପତି । ଅଭିଯୋଗ ବି ଉଠେ ବିସିସିଆଇ ପରି ଧନାଢ଼୍ୟ କ୍ରିକେଟ ସାମ୍ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିଆଇକୁ ପ୍ରଭାବିତ କରିବାର କ୍ଷମତା ରଖିଛି । ଏହି ଲେଖକ କ୍ରିକେଟ ଖେଳକୁ ଅବମାନନା କରୁନି କିନ୍ତୁ କ୍ରିକେଟ ପାଇଁ ବିତୁଥିବା ସମୟ ଓ କ୍ରିକେଟ ପାଇଁ ଖଟୁଥିବା ପୁଞ୍ଜି କେଉଁ ରାଜସ୍ୱରୁ ଯାଉଛି ତାହା ସହୃଦୟ ପାଠକମାନଙ୍କୁ ଜଣା ! ଗାଁର ଖେଳାଳୀଟି ଦିନେ ଯେ ତେନ୍ଦୁଲକର କିମ୍ବା ସାନିଆ ମିର୍ଜା ନହେବ କିଏ ବା କହିବ ? କିନ୍ତୁ ନାଁ ସେମାନଙ୍କୁ ପ୍ରୋତ୍ସାହନ ଥାଏ ନାଁ ସେମାନଙ୍କୁ ସହଯୋଗ । ପଙ୍କରୁ ପଦ୍ମ ଫୁଟେ କିନ୍ତୁ ବଣମଲ୍ଲୀ ପରି ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବା ସୁଯୋଗ ନଥାଏ । ତେବେ ଗଣମାଧ୍ୟମକୁ ଧନ୍ୟବାଦ କେବଳ ଗଣମାଧ୍ୟମ ଦ୍ୱାରା ହିଁ ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବାରେ ସକ୍ଷମ ହୋଇ ସେମାନଙ୍କ ପ୍ରତିଭା ପ୍ରତିଭାତ ହୋଇପାରିଥାଏ । ଦିନକୁ ଦିନ ବ୍ୟସ୍ତବହୁଳ ବସ୍ତୁବାଦୀ ସମାଜରେ ଗାଁ ଜୀବନ ଓ ଗାଁରେ ପ୍ରତିଭା ଥାଇ ବି ଖେଳାଳୀଟିକୁ ପ୍ରାୟତଃ ଅଣଦେଖା କରାଯାଏ । ଦିନଥିଲା ଏହି ଲେଖକ ପିଲାଦିନରେ ଗାଁ ସାଥିମାନଙ୍କୁ ନେଇ ଭଲି ବଲ ଠାରୁ ବାଗୁଡ଼ି, ଫୁଟ୍‌ବଲ ଠାରୁ ଲଙ୍ଗଜମ୍ପ ଓ ହାଇଜମ୍ପରେ ସାମିଲ ହେଉଥିଲା କିନ୍ତୁ ଆଜିର ସମୟରେ ସେହି ପ୍ରତିଭା ମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ତେଣୁ ଗାଁର ଖେଳକୁ ପ୍ରୋତ୍ସାହନ ମିଳୁ ଖେଳାଳୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ଭାରତରେ ଅନେକ ସଚିନ୍ ତେନ୍ଦୁଲକର ହୁଅନ୍ତୁ ବା ଲେଣ୍ଟର ପାଏସ୍ ସୃଷ୍ଟି ହୋଇପାରିବେ ଆଉ ଯେଉଁମାନେ ସେହି ସଚ୍ଚିରାଉତରାୟଙ୍କ କାହାଣୀ ପରି 'ଛୋଟ ମୋର ଗାଁ ଟିର' ତେନ୍ଦୁଲକର ନପାଲଟିବେ ତାହା କିଏ ବା କହିବ ?

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩




# କଂଗ୍ରେସର ନୀତି ଆଦର୍ଶକୁ ଭଲ ପାଇ କଂଗ୍ରେସରେ ପୁନଃ ଯୋଗଦେଲେ ମହମ୍ମଦ ଶାହା ନୱାଜ




ଭୁବନେଶ୍ୱର, (ପି.ଏନ): କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବରିଷ୍ଠ ସଂଖ୍ୟାଲଘୁ ନେତା ମହମ୍ମଦ ଶାହା ନୱାଜ ନିଜର ଶତାଧିକ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ପୁନଃ ଯୋଗଦେଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସଂଖ୍ୟାଲଘୁ ନେତା ଶ୍ରୀ ନୱାଜଙ୍କୁ କଂଗ୍ରେସ ଦଳରେ ଗ୍ରହଣ କରିନେଇଛନ୍ତି । ସ୍ୱାଗତ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଶ୍ରୀ ନୱାଜଙ୍କ ପୁନଃ ଯୋଗଦାନ କଂଗ୍ରେସ ଦଳକୁ ଦୃଢ଼ିଭୂତ କରିବ । ନିଜ ବକ୍ତବ୍ୟରେ ଶ୍ରୀ ନୱାଜ କହିଥିଲେ ଯେ ରାଜ୍ୟରେ ବର୍ତମାନ ଅମଲାତାନ୍ତ୍ରିକ ଶାସନ ଚାଲିଛି । ଜନପ୍ରତିନିଧି ମାନଙ୍କର କର୍ତବ୍ୟ ଗୌଣ ହୋଇପଡ଼ିଛି ଏବଂ ଗଣତନ୍ତ୍ର ନିମ୍ନଗାମି ହେଉଛି । ଆଗାମୀ ଦିନରେ କଂଗ୍ରେସ ଦଳ କିପରି ମଜବୁତ ହୋଇପାରିବ ଓ ସଂଖ୍ୟାଲଘୁ ଭାଇଭଉଣୀମାନଙ୍କ ବିକାଶ ହୋଇପାରିବ ସେ ଦିଗରେ ସେ କାର୍ଯ୍ୟ କରିବେ ବୋଲି ଶ୍ରୀ ନୱାଜ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗସ୍ତରେ ଥିବା ଏଆଇସିସି ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ବିଭାଗର ସଂଯୋଜକ ଶ୍ରୀ କେ ରାଜୁ, ଏଆଇସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଶ୍ରୀ ରାଜେଶ ଲିଲୋଠିଆ, ଅନୁସୂଚିତ ଜନଜାତି ବିଭାଗ ଅଧକ୍ଷ ଶ୍ରୀ ଶିବାଜୀ ରାଓ ମୋଘେ ଏବଂ ସଂଖ୍ୟାଲଘୁ ବିଭାଗର ଓଡ଼ିଶା ପ୍ରଭାରୀ ଅବଦୁଲ କାଲାମ ଖାନ, କଂଗ୍ରେସ ନେତା ବିଜୟ ପଟ୍ଟନାୟକ, ଗଣେଶ୍ୱର ବେହେରା, ଭୂଜବଳ ମାଝୀ, ବାଙ୍କନିଧି ବେହେରା, ଜିଆଉଲ ହକ ପ୍ରମୁଖ ଉପସ୍ଥିତ ଥିଲେ ।

## ୫ଟି ସଚିବଙ୍କୁ ଭେଟିବ ଆଞ୍ଚଳିକ ବରିଷ୍ଠ ନାଗରିକ ମଂଚ

ଚଣ୍ଡିଖୋଲ, (ପିଏନ ) ।ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ୫ଟି ସଚିବଙ୍କ ଗସ୍ତ ଉପଲକ୍ଷେ ଏକ ଦାବୀ ପତ୍ର ଦେବା ପାଇଁ ସ୍ଥିର କରାଯାଇଛି.ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସଭାପତି ଶେଷଦେବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା.ବୈଠକରେ ମୁଖ୍ୟତଃ ବରିଷ୍ଠ ନାଗରିକ ମଂଚ ପାଇଁ ଏକ ସରକାରୀ ଜମି ଯୋଗାଇଦେବା,ବରିଷ୍ଠ ନାଗରିକଙ୍କ ବାର୍ଦ୍ଧକ ଭତ୍ତା ବଢାଇବାପାଇଁ ଓ ଚଣ୍ଡିଖୋଲ ଛକର ଟ୍ରାଫିକ ସମସ୍ୟା ସୁଧାରିବାକୁ ଏକ ଦାବୀ ପତ୍ର ଆସନ୍ତା ୩୧ ତାରିଖ ଦିନ ୫ଟି ସଚିବଙ୍କୁ ଦେବା ପାଇଁ ସ୍ଥିର କରାଯାଇଥିଲା ।

## ଏଚ୍‌ଡିଏଫସି ବ୍ୟାଙ୍କ-ମାରୀୟଟ ବନଭୟ ଚୁକ୍ତି



ଭୁବନେଶ୍ୱର,(ପି.ଏନ): ଦେଶର ପ୍ରଥମ କୋ ବ୍ରାଣ୍ଡ ହୋଟେଲ କ୍ରେଡିଟ କାର୍ଡ ଆଣିବା ଲାଗି ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ମାରୀୟଟ ବନଭୟ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ମାରୀୟଟ ଇଣ୍ଟର ନ୍ୟାସନାଲର ବନଭୟ ଏକ ଆୱାର୍ଡ ପାଇଥିବା କାର୍ଯ୍ୟକ୍ରମ । ଏମାନେ ମିଳିତ ଭାବେ ମାରୀୟଟ ବନଭୟ ଏଚ୍‌ଡିଏଫସି ବ୍ୟାଙ୍କ କ୍ରେଡିଟ କାର୍ଡ ଶୁଭାରମ୍ଭ କରିବେ । ଏହାକୁ ଦେଶର ସବୁଠାରୁ ଲୋକପ୍ରିୟ କ୍ରେଡିଟ କାର୍ଡ କରାଇବା ଲକ୍ଷ୍ୟ ରଖାଯାଇଛି । ଏହା ଡିସକଭର ଗ୍ଲୋବାଲ ନେଟୱର୍କର ଅଂଶ ଡିନର୍ସ କ୍ଲବରେ ପରିଚ୍ାଳିତ ହେବ । ଉଭୟ ବ୍ରାଣ୍ଡକୁ ଆହୁରି ଦୃଢ଼ୀଭୁତ କରିବାରେ ଏହି କାର୍ଡ କାର୍ଯ୍ୟ କରିବ । ଏଥିରେ ଗ୍ରାହକ ଅତୁଳନୀୟ ଟ୍ରାଭେଲ ସୁବିଧା, ସିଲଭର ଏଲିଟ ଷ୍ଟାଟସ, ଲେଟ ଚେକ ଆଉଟ, ସ୍ୱତନ୍ତ୍ର ରେଟ ବୋନସ ପୋଏଣ୍ଟ ଭଳି ସୁବିଧା ପାଇବେ ।ଗ୍ରାହକଙ୍କୁ ଅତୁଳନିୟ ଆର୍ଥିକ ସମାଧାନ ପ୍ରଦାନ ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ଏଚ୍‌ଡିଏଫସି ବ୍ୟାଙ୍କର ପେମେଂଟ ବିଜିନେସ କଣ୍ଟ୍ରି ହେଡ ପରାଗ ରାଓ କହିଛନ୍ତି ।

## କାକଟପୁର ଶିକ୍ଷା ବିଭାଗ ଦୁର୍ନୀତିର ଗନ୍ତାଘର ଅଭିଯୋଗ

କାକଟପୁର,(ପି.ଏନ): ଶିକ୍ଷା ବିଭାଗରେ ନିୟମିତ ବଦଳି ପ୍ରଚ୍ଛଦପଟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରମୋସନ ଦେଇ ଡେପୁଟେସନ ନାମରେ ପୁସବ୍ୟାକ ହେଉଥିବାର ଅଭିଯୋଗ ହେଉଛି । ୨୦୨୨ମସିହାରେ ଲେବୁଲ ୫ରୁ ଲେବୁଲ ୪କୁ ପ୍ରମୋଶନ ଦେଇ ସେମାନଙ୍କୁ ଅନ୍ୟତ୍ର ବଦଳି କରା ଯିବା ପରେ ପୂନର୍ବାର ମୂଳ ଯାଗାକୁ ଡେପୁଟେସନରେ ଆଣିବା ।ସେହିପରି ୨୦୨୩ମସିହାରେ ଲେବୁଲ ୪ରୁ ୩କୁ ପ୍ରମୋଶନ ଦେଇ ସେମାନଙ୍କୁ ଅନ୍ୟତ୍ର ପୋଷ୍ଟିଙ୍ଗ କଲା ପରେ ପୂନର୍ବାର ସେମାନଙ୍କୁ ପୂର୍ବ ସ୍ଥାନକୁ ଡେପୁଟେଶନରେ ଆଣିବାର ମାନେ କ'ଣ ହୋଇପାରେ ବୋଲି ବ୍ଲକ ଶିକ୍ଷକଙ୍କ ମହଲରେ ଆଲୋଡନ ସୃଷ୍ଟି କରିଛି ।ଶିକ୍ଷକଙ୍କୁ ଡେପୁଟେଶନ ପାଇଁ ସରକାରୀ ସ୍ତରରେ ଥିବା ଗାଇଡଲାଇନକୁ ସଂପୂର୍ଣ୍ଣ ଭାବରେ ଅଣଦେଖା କରାଯାଇ ଥିବା ଅଭିଯୋଗ ହେଉଛି । ସବୁଠାରୁ ବଡକଥା ଯେଉଁମାନେ ଡେପୁଟେସନରେ ଅର୍ଥାତ୍ (ସାମୟୀକ ଭାବେ) ସ୍ଥାନାନ୍ତର ହୋଇଛନ୍ତି, ଶିକ୍ଷାବିଭାଗର କେଉଁ ନୀତିନିୟମରେ ସେମାନଙ୍କୁ ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ଦାୟୀତ୍ୱ ଦିଆଯାଇଛି । କେତେକ ଶିକ୍ଷକ/ଶିକ୍ଷୟତ୍ରୀ ନିଜର ମନ ମୁତାବକ ସ୍ଥାନରେ ରହିବା ପାଇଁ ହେଉ କିମ୍ବା ବିଭାଗୀୟ ଅଧିକାରୀଙ୍କ ଉତ୍‌କୋଚ୍ ଲାଳସାକୁ ପୂରଣ କରିବା ଲକ୍ଷ୍ୟରେ ଡେପୁଟେସନର ଗାଇଡଲାଇନକୁ ଅଣଦେଖା କରାଯାଇଛି ତାହା ତଦନ୍ତ ସାପେକ୍ଷ ।କେତେକ ଶିକ୍ଷକ/ଶିକ୍ଷୟିତ୍ରୀ ବର୍ଷ ବର୍ଷଧରି ଡେପୁଟେସନରେ ଫାଇଦା ଉଠାଉଥିବା ଅଭିଯୋଗ ମଧ ହେଉଛି ।ଲେବୁଲ ୪କୁ ପ୍ରମୋସନ ପାଇ ବଦଳି ହୋଇଥିଲେ ମଧ ପୂର୍ବ ଯାଗାକୁ ଡେପୁଟେସନରେ ଆସି ପୂର୍ବ ସୁବିଧା ହାତେଇବାରେ ଏମାନେ ମାହିର ।ସରକାରୀ ଦରମା ପାଇ ପାଠପଢାଇବା ବଦଳରେ ରାଜନୀତି କରି ଉନ୍ନୟନ ମୂଳକ କାମ ପାଇଁ ସ୍କୁଲକୁ ଆସୁଥିବା ଅନୁଦାନର ଦୁରୁପଯୋଗ କରିବା ଏମାନଙ୍କର ଉଦେଶ୍ୟ ବୋଲି ଚ୍ର୍ଚ୍ଚା ହେଉଛି ।ମୂଳ ଯାଗାରୁ ଦରମା ନେଇ ଡେପୁଟେସନରେ ଯାଇ ଅସ୍ଥାୟୀ ସ୍ଥାନରେ ସ୍ଥାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉପରେ ରାଜ କରୁଥିବା ଅଭିଯୋଗ ହେଉଛି । ଏପରିକି ଗୋଟେଗୋଟେ ବିଦ୍ୟାଳୟରେ ଏକାଧିକ ଲେବୁଲ୪ଓ୩ର ଶିକ୍ଷକ/ଶିକ୍ଷୟତ୍ରୀ ରହିବା ଶିକ୍ଷା ନୀତିର ବିରୋଧାଚ୍ରଣ କରୁନାହିଁ କି ? ଗଣତନ୍ତ୍ର ରାଷ୍ଟ୍ରରେ ସମସ୍ତ ଶିକ୍ଷକଙ୍କର ସମାନ ଅଧିକାର ରହିବା ସ୍ଥଳେ କେତେକ ଆର୍ଥିକ ଓ ରାଜନୈତିକ କ୍ଷମତା ବଳରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରିବା କେତେଦୂର ଯୁକ୍ତିସଙ୍ଗତ ? ଶିକ୍ଷାନୀତି ଗାଇଡ ଲାଇନର ଦୂରୁପଯୋଗକୁ ଦୃଷ୍ଟିରେ ରଖି ଡେପୁଟେସନ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ସେମାନଙ୍କ ପୂର୍ବସ୍ଥାନକୁ ଫେରାଇ ଆଣିବା ସହ ଶିକ୍ଷାବିଭାଗର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ କାକଟପୁର ବ୍ଲକ ଅଞ୍ଚଳର ଶିକ୍ଷକ/ଶିକ୍ଷୟତ୍ରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବିମାନେ ବ୍ଲକ ଶିକ୍ଷାଧିକାରୀ,ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଅନ୍ତର୍ଜାତୀୟ ମିଲେଟ ବର୍ଷ ଅବସରରେ କାଉଡ଼ିଆ ଓ ପର୍ଯ୍ୟଟକ ମାନଙ୍କ ପାଇଁ ମିଲେଟ ଜାତୀୟ ଖାଦ୍ୟ ବିତରଣ ଉତ୍ସବ

ଖପ୍ରାଖୋଲ,ଭୋଜରାଜ ବରିହା,(ପି.ଏନ): ଓଡିଶା ମିଲେଟ ମିଶନ ପକ୍ଷରୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ୨୦୨୩ ସାରା ରାଜ୍ୟରେ ପାଳନ କରୁଥିବା ବେଳେ ଖପ୍ରାଖୋଲ ବ୍ଲକ ହରିଶଙ୍କର ଛକ୍ ଠାରେ ୱାସିଡିଏ ଅନୁଷ୍ଠାନ ଖପ୍ରାଖୋଲ, ବେଳପଡ଼ା ଏବଂ କେକେପିସିଏଲ ଙ୍କ ମିଳିତ ଉଦ୍ୟମରେ ଭିନ୍ନ ଢଙ୍ଗରେ ପାଳନ କରୁଥିବା ଦେଖିବାକୁ ମିଳିଛି । ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଠାରେ ଶ୍ରାବଣ ମାସ ହଜାର ହଜାର କାଉଡ଼ିଆ ଜଳାଭିଷେକ ପାଇଁ ଯାଉଥିବା ବେଳେ କାଉଡ଼ିଆ ଏବଂ ପର୍ଯ୍ୟଟକ ମାନଙ୍କୁ ବିନା ରସୁଣ ପିଆଜରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବିତରଣ କରୁଥିବା କରାଯାଇଛି । ବୋଲ ବମ୍ କାଉଡ଼ିଆ ମାଙ୍କୁ ନିତ୍ୟନ୍ତ ମାଣ୍ଡିଆ ଖାଦ୍ୟ ଜରୁରୀ ବୋଲି ଲୋକେ ମତ ଦେଇଛନ୍ତି ।

## ମୁହାଁମୁହିଁ ବାଇକ ଦୂର୍ଘଟଣାରେ ଜଣେ ମୃତ, ୫ଜଣ ଗୁରୁତର

ନୂଆପଡ଼ା,(ବିରବଲ ପ୍ରଧାନ), (ପି.ଏନ); ନୂଆପଡା ଜ଼ିଲ୍ଲା ଧରମବନ୍ଧା ଥାନା ଧରମବନ୍ଧା-ପତୋରା ରାସ୍ତା ପାଣି ଟାଙ୍କିଠାରେ ରବିବାର ମଧାହ୍ନରେ ଦୁଇ ବାଇକ (ସିଜି ୨୩ଏଲ-୩୨୨୫) ଏବଂ (ଓଡି ୨୬ସି-୮୪୩୩) ମଧରେ ମୁହାଁମୁହିଁ ଧକ୍କା ହୋଇଛି କ୍ଷ ଏଥିରେ ଚୁଲାଭାଟ ଗ୍ରାମର ଜୟ ସାହୁ (୩୫)ଙ୍କ ମୃତ୍ୟୁ ଘଟିଥିବାବେଳେ ଠେଲକୋବେଡା ଗ୍ରାମର ଭାଗବତ ସତନାମୀ (୧୮), ମୋହିତ ସତନାମୀ (୨୨) କଲ୍ୟାଣପୁର ଗ୍ରାମର ସୋନୁ ସେଠୀ (୩୨), ରାଜେଶ ମାଝୀ (୨୨) ଓ ଖୁଟୁମଭେରା ଗ୍ରାମର ସାଇକଲ ଚ୍ାଳକ ମେହେତର ହରିଜନ (୫୦) ଗୁରୁତର ହୋଇଛନ୍ତି କ୍ଷ ସ୍ଥାନୀୟ ଲୋକ ତଥା ଧରମବନ୍ଧା ଥାନାଧିକାରୀ ବିନୋଦ ସେଠି ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ନୂଆପଡା ଜ଼ିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତି କରିଛନ୍ତି ।

## ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବୀରେ ସ୍ଥାନୀୟ ବ୍ଲକ ସହିତ ଡାକ୍ତର ଖାନା ଘେରାଓ

ଖପ୍ରାଖୋଲ,(ପି.ଏନ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଏକ ଗରିବ ଦାଦନ ପ୍ରବଣ ଆଦିବାସି ଅଧ୍ୟୁଷିତ ଉପନ୍ତ ଅଂଚ୍ଳ ଅଟେ । ଏଠିକାର ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବା ପାଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଭର କରିଥାନ୍ତି ।କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବା ପରିବର୍ତ୍ତେ ? ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି ନେଇ ସୋମବାର ଖପ୍ରାଖୋଲ ଯୁବାମଞ୍ଚ ନେତୃତ୍ୱରେ ଅଂଚ୍ଳ ର ସହ ସହ ମହିଳା ,ଯୁବକ ମାନେ ସ୍ଥାନୀୟ ପଂଚ୍ାୟତରୁ ଏକ ଭିକ୍ଷୋଭ ଶୋଭାଯାତ୍ରା ରେ ବାହାରୀ ଗ୍ରାମ ପରିକ୍ରମା କରି ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ପହଁଛି ବିଡ଼ିଓ ବିଜୟ କୁମାର ହୋତା କୁ ଜିଲ୍ଲାପାଳ ଙ୍କ ଉଧକ୍ଷ ରେ ଏକ ଦାବୀ ପତ୍ର ଦେଇଥିଲେ ପରେ ଭିକ୍ଷୋଭ କାରି ମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚ୍ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁରଜ କୁମାର ଦୀପ କୁ ଦାବୀ ପତ୍ର ଦେଇଛନ୍ତି ।ସୂଚ୍ନା ଅନୁସାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ,ଶିଶୁରୋଗ ବିଶେଷଜ୍ଞ, ଓ ଜଣେ ଭେସେଜ ବିଶେଷଜ୍ଞ ରହିବା ସହିତ ପାଞ୍ଚ ଜଣ ଏମ୍ ବି ବି ଏସ ଡାକ୍ତର ରହିବା କଥା କିନ୍ତୁ ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବା ବେଳେ ଲୋକେ ସାଧାରଣ ସ୍ୱାସ୍ଥ୍ୟ ବିଗିଡିଲେ ପାଟଣାଗଡ ଓ ବାଲାଙ୍ଗୀର ଡାକ୍ତର ଖାନା କୁ ଯାଇ ଖର୍ଚ୍ଚାନ୍ତ ହୋଇ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି ।

## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ । ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ । ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ କରିଛନ୍ତି । ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଲାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ସିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଲଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକେ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶାକରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।




# "ହୃଦୟର କଥା..."



ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନରେ ମଣିଷ ନାନା ପ୍ରକାର ରୋଗର ଶିକାର ହୃଦ ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ରୋଗରେ ପ୍ରତିବର୍ଷ ବିଶ୍ୱରେ ୧୭.୩ ଦେଶ ତୁଳନାରେ ଅନୁନ୍ନତ ଓ ପ୍ରତିଶତ ଲୋକ ଏଥିରେ ଆକ୍ରାନ୍ତ ହୁଅନ୍ତି। ହୃଦ୍ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କମାଇବାର ବ୍ୟସ୍ତତା ଭିତରେ ନାହିଁ। ତେବେ ତମାଖୁ ସେବନ, ମେଦବହୁଳତା, ଜଙ୍କଫୁଡ୍ ପ୍ରତି ଅତ୍ୟଧିକ ଚିନ୍ତା ଓ ଚାପ ଭିତରେ ବଞ୍ଚୁଥିବା ହେଉଛି। ମଧୁମେହ, ଉଚ୍ଚ ରକ୍ତଚାପ ଓ ହେଉଛନ୍ତି। ବିଶେଷକରି ହୃତ୍‌ପିଣ୍ଡ ଜନିତ ମିଲିୟନ ଲୋକଙ୍କ ମୃତ୍ୟୁ ଘଟୁଛି। ବିକଶିତ ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୦ ବିଶେଷକରି ବିକାଶଶୀଳ ଦେଶମାନଙ୍କରେ କାରଣ ବିକାଶଶୀଳ ଦେଶମାନଙ୍କରେ ଟଙ୍କା ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତି ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ, ଆଗ୍ରହତା, ଆଳସ୍ୟପଣ ହେଉଛି ହୃଦ୍‌ରୋଗ ଓ ହୃଦ୍‌ଘାତର ପ୍ରମୁଖ କାରଣ। କିନ୍ତୁ ଲୋକମାନେ ଏହି ଦିଗ ପ୍ରତି ସଚେତନ ନାହାନ୍ତି । ତେଣୁ ବିଶ୍ୱବାସୀଙ୍କୁ ହୃଦ୍‌ରୋଗର କାରଣ ଓ ନିରାକରଣର ଦିଗ ଜଣାଇବା ଏବଂ ସଚେତନ କରିବା ୱାର୍ଲ୍ଡ ହାର୍ଟ ଫେଡେରେସନ ତରଫରୁ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖକୁ ୱାର୍ଲ୍ଡ ହାର୍ଟ ଡେ ରୂପେ ପାଳନ କରାଯାଏ। ଏହି ଦିନ ହୃଦ୍‌ରୋଗର କାରଣ ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ହୃଦ୍‌ରୋଗୀଙ୍କ ଚିକିତ୍ସା କିପରି କରାଯାଇପାରିବ ସେ ସଂକ୍ରାନ୍ତୀୟ ତଥ୍ୟ ବିଶ୍ୱବ୍ୟାପୀ ପ୍ରସାରିତ କରିଥାଏ ଏହି ସଂଗଠନ। ଏହି ସଂଗଠନ ବିଶ୍ୱର ପ୍ରାୟ ୧୦୦ଟି ଦେଶରେ କାର୍ଯ୍ୟ କରୁଛି।

ପ୍ରଥମେ ୧୯୪୬ ମସିହାରେ ଇଣ୍ଟରନ୍ୟାସନାଲ ସୋସାଇଟି ଅଫ୍ କାର୍ଡ଼ିଓଲୋଜି ଏବଂ ୧୯୭୦ ମସିହାରେ ଇଣ୍ଟରନ୍ୟାସନାଲ କାର୍ଡ଼ିଓଲୋଜି ଗଠନ କରାଯାଇଥିଲା। କିନ୍ତୁ ୧୯୭୮ ମସିହାରେ ଏହି ଦୁଇ ଆନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ଇଣ୍ଟରନ୍ୟାସନାଲ ସୋସାଇଟି ଆଣ୍ଡ ଫେଡ଼େରେସନ ଅଫ୍ କାର୍ଡ଼ିଓଲୋଜି ଗଠିତ ହେଲା, ଯାହା ୧୯୯୮ ମସିହାରେ ୱାର୍ଲ୍ଡ ହାର୍ଟ ଫେଡେରେସନ ନାମରେ ନାମିତ ହେଲା। ଏହି ସଂଗଠନ ଅନୁନ୍ନତ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ହୃଦ୍‌ରୋଗର ମୂଳୋତ୍ପାଟନ ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କଲା। ଏହି ସଂଗଠନକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ହୃଦ୍‌ରୋଗର ମୁକାବିଲା ପାଇଁ ସହଯୋଗ ଯୋଗାଇ ଦିଆଯାଉଛି। ବିଭିନ୍ନ ଦେଶର ପ୍ରାୟ ୨୦୦ ଜଣ ଏହି ସଂଗଠନର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀ ସଂଖ୍ୟା ବଢୁଥିଲେ ମଧ୍ୟ ଏହା କେଉଁଥିପାଇଁ ହେଉଛି ସେଥିପ୍ରତି ଅନେକେ ସଚେତନ ନାହାନ୍ତି। ତେବେ ଏହି ସଂଗଠନ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଅନୁନ୍ନତ ଦେଶଗୁଡ଼ିକରେ ହୃଦ୍‌ରୋଗର ମୁକାବିଲା କରିବା ପାଇଁ ଥିବା ନୂତନ ଜ୍ଞାନକୌଶଳର ଅଭାବକୁ ଦୂର କରୁଛି ଏହି ସଂଗଠନ। ପ୍ରତିବର୍ଷ ସଂଗଠନ ପକ୍ଷରୁ ବିଭିନ୍ନ ପ୍ରକାର ନାଟକ, ଖେଳ ଆଦି ଅନେକ କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବ୍ୟାପୀ କରାଯାଏ। ପ୍ରତିବର୍ଷ ନୂଆ ନୂଆ ସ୍ଲୋଗାନ ଦେଇ ଏହି ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱବାସୀଙ୍କୁ ସଚେତନ କରାଇବା ଲକ୍ଷ୍ୟକୁ ୱାର୍ଲ୍ଡ ହାର୍ଟ ଫେଡ଼େରେସନ ସଫଳତାର ସହ ତୁଲାଉଛି। ସାଧାରଣରେ ହୃଦ୍‌ରୋଗକୁ ନେଇ ଅନେକ ଲୋକଙ୍କ ଭିତରେ ଏକ ଭୟ ଓ ଆଶଙ୍କାର ବାତାବରଣ ରହିଥାଏ। କିନ୍ତୁ ପ୍ରକୃତ କଥା ହେଉଛି ଏକ ଉତ୍ତମ ଓ ଯୋଜନାବଦ୍ଧ ଦିନଚର୍ଯ୍ୟା, ବିଶ୍ରାମ, ଖାଦ୍ୟ ଓ ସୁଚିନ୍ତନ ଦ୍ୱାରା ସର୍ବୋପରି ପ୍ରାଥମିକ ଅବସ୍ଥାରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହାକୁ ନେଇ ପରବର୍ତ୍ତୀ ସମୟରେ ଭୟର କୌଣସି କାରଣ ରହିବନାହିଁ। ଆପଣଙ୍କର ଉଚ୍ଚରକ୍ତଚାପ ବା ଡାଇବେଟିସ୍ ଥିଲେ ଏହାକୁ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣରେ ରଖନ୍ତୁ। ସୁଷମ ଖାଦ୍ୟ ଭିତରେ ସବୁଜ ପନିପରିବା, ଫଳ ସବୁଠାରୁ ଭଲ। ସେହିପରି ଯୋଗାଭ୍ୟାସ, ପ୍ରାଣାୟାମ, ବ୍ୟାୟାମ, ସୂର୍ଯ୍ୟ ନମସ୍କାର, ସନ୍ତରଣ, ସାଇକେଲ ଚାଳନା, ପ୍ରାତଃ ଭ୍ରମଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ। ହୃଦ୍‌ରୋଗ ଜନିତ ସମସ୍ୟାକୁ ନେଇ ମାନସିକ ଭାବେ ଚିନ୍ତିତ ହୁଅନ୍ତୁ ନାହିଁ ବା ଅସ୍ୱସ୍ତି ଅନୁଭବ କରନ୍ତୁ ନାହିଁ। ସେହିପରି ବୃତ୍ତିଗତ ଜୀବନ ବା ଅବସର ଜୀବନ ହେଉ ହୃଦ୍‌ରୋଗ ଆଶଙ୍କାକୁ ନେଇ କୌଣସି ବ୍ୟସ୍ତସ୍ଥା, ଦୁଃଶ୍ଚିନ୍ତା ଓ ହତାଶ ଭାବ ରହିବା କଥା ନୁହେଁ। ନିଜକୁ ହୃଦ୍‌ରୋଗ କ୍ଷେତ୍ରରେ କୌଣସି ଅସ୍ୱସ୍ତିକର ଅନୁଭବ କଲେ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟରେ ଅବସ୍ଥାପିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ, ନିଦାନ ଓ ଚିକିତ୍ସା ଦ୍ୱାରା ଆପଣଙ୍କ ହୃଦୟର ସମସ୍ୟା ଚିନ୍ତାର କାରଣ ପାଲଟିବ ନାହିଁ। ସବୁବେଳେ ମନେରଖିବେ ହୃଦୟକୁ ନେଇ ଆପଣ ଚିନ୍ତା ନକରି ଆପଣ କିପରି ଏକ ଆଦର୍ଶ ଓ ସ୍ୱାସ୍ଥ୍ୟମୟ ଦିନଟି ବିତାଇବେ ତାହା ଚିନ୍ତା କରନ୍ତୁ। ସବୁବେଳେ ସତ୍‌ଚିନ୍ତନ ଓ ଆଧାତ୍ମିକ ଜୀବନଚର୍ଯ୍ୟା ଏ କ୍ଷେତ୍ରରେ ଏକ ମହୌଷଧି ପରି କାମକରେ।

**—ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**, ଆସୋସିଏଟ୍ ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୭୮୬୪

# ଜିଲ୍ଲାସ୍ତରୀୟ ୭୧ତମ ଗୋସମ୍ବର୍ଦ୍ଧନା ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଭବାନୀପୁର ପଂଚାୟତ ଭୁବନଠାରେ ଜିଲ୍ଲାସ୍ତରୀୟ ୭୧ତମ ଗୋ ସମ୍ବର୍ଦ୍ଧନା ଉତ୍ସବ, ଗୋପୂଜନ ଓ ସଫଳ କୃଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାଶ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ସୁସେନ କୁମାର ପଣ୍ଡା ଯୋଗଦେଇ ଉନ୍ନତମାନର ଗୋ-ଚାଷ କରିବା ସହ ସମନ୍ୱିତ ଭାବେ ବ୍ୟବସାୟିକ ଭିତିରେ ଧାନ, ପନିପରିବା, ଛତୁ, କୁକୁଡା ଚାଷ କରିବା ପାଇଁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଯୋଗଦେଇ ସମାଜ ଗୋମାତାଙ୍କୁ ଆଦ୍ୟକାଳରୁ ଗୁରୁତ୍ୱାରୋପ କରିଆସୁଛି। ଗୋ-ପାଳନ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୃଷି ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀ, ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏଡିଏଏସ ଡା. ସୁବାସ ଚନ୍ଦ୍ର ଜେନା, ଭବାନୀପୁର ପଂଚାୟତର ସରପଂଚ ଜ୍ୟୋତିର୍ମୟୀ ନାୟକ ଓ ସମିତିସଭ୍ୟା ସରୋଜିନୀ ମହାଁ ଅତିଥି ଭାବେ ଯୋଗଦେଇ ଗୋମାତାର ଯତ୍ନ ନେବା ସହ ସରକାର କରିଥିବା ଯୋଜନାର ଫାଇଦା ନେବାକୁ ଚାଷୀମାନଙ୍କୁ କହିଥିଲେ। ସୁକିନ୍ଦାର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭଶ୍ରୀ ନାୟକ ମଂଚ ସଂଚାଳନ କରିଥିଲେ। ଏହି ଅବସରରେ ଧର୍ମଶାଳା ବ୍ଲକର ବୀରବର ବେହେରା, ପରେଶ କୁମାର ମିଶ୍ର, ପ୍ରଦିପ୍ତ କୁମାର ନାୟକ, ପ୍ରମୋଦ ପଣ୍ଡା, ବିଂଝାରପୁର ବ୍ଲକର ତପନ କୁମାର ସ୍ୱାଇଁ, ଦାନଗଦୀ ବ୍ଲକର ଉଦୟ କୁମାର ରାଉତ, ଦଶରଥପୁର ବ୍ଲକର ଚିନ୍ମୟ ରଂଜନ ସାହୁ, ସୁକିନ୍ଦାର ଦେବାଶିଷ ପଣ୍ଡା, କୋରେଇ ବ୍ଲକର ବିସି ସାମଲ, ଯାଜପୁରର ଆଶୁତୋଷ ଦାସ, ନରେନ୍ଦ୍ର ବେହେରା, ସୁଶାଂ କୁମାର ବିଶ୍ୱାଳ, ରସୁଲପୁରର ଶତ୍ରୁଘ୍ନ ବେହେରା, ବରୀର ଦେବାନନ୍ଦ କର ପ୍ରମୁଖ ୧୪ଜଣ ଚାଷୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଚାଷ ଓ ବୈଜ୍ଞାନିକଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚାଷୀମାନେ ବିଭିନ୍ନ ସମସ୍ୟା ସଂପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହାର ସମାଧାନର ସୂତ୍ର ସଂପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ପ୍ରାରମ୍ଭରେ ଗୋ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଧର୍ମଶାଳା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଂଜନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବଶକ୍ତିର ଭବିଷ୍ୟତ !

ଭାରତ ପରି ସଂଖ୍ୟାଧିକ ଯୁବ ସମାଜ ଥିବା ଦେଶରେ ଯୁବକମାନେ ଏବେ ସମସ୍ତଙ୍କ ପଶାପାଲିର ଗୋଟି ହେବାରେ ଲାଗିଛନ୍ତି। ବୈଷୟିକ ଶିକ୍ଷାନୁଷ୍ଠାନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏହି ଯୁବଶକ୍ତିକୁ କଳେବଳେ କୌଶଳରେ ନିଜ ସପକ୍ଷରେ ନେବାଲାଗି ପ୍ରଲୋଭନ ଦେଖାଯାଉଛି। ବ୍ୟାବସାୟିକ ଗୋଷ୍ଠି ବିଦେଶୀ ପୋଷାକ ହେଉ ଅଥବା ଚୀନର ମୋବାଇଲ ମାଧ୍ୟମରେ। ରାଜନୀତିକ ଗୋଷ୍ଠି ଲାପଟପ୍ ବ୍ଣ୍ଟନ, ମାଗଣା ଅର୍ଥ ପ୍ରଦାନ, ମନୋରଂଜନ କାର୍ଯ୍ୟକ୍ରମ ଆଦି ଦ୍ୱାରା ଲୋଭାନ୍ୱିତ କରିବାରେ ବ୍ୟସ୍ତ। ବିଭାଜନକାରୀ ଗୋଷ୍ଠିମାନେ ସୋସିଆଲ ମିଡିଆରେ ତ୍ରୁଟିପୂର୍ଣ୍ଣ ପ୍ରଚ୍ଚର, ବିପଥଗାମୀ ହେବାଲାଗି ବିଚ୍ଚର ଆଦି ଛାଡିବାରେ ବ୍ୟସ୍ତ। ସମାଜ ବିରୋଧୀ ଗୋଷ୍ଠିଗୁଡିକ ତତ୍‌କ୍ଷଣାତ୍ ଲାଭ, ହାତପାଆନ୍ତାର ସୁବିଧା, ଅଳ୍ପ ପରିଶ୍ରମରେ ଧନୀ ହେବାର ସୁନେଲି ସ୍ୱପ୍ନ ବୁଣିବାରେ ବ୍ୟସ୍ତ। କମ୍ପାନୀମାନେ ଦେଶବିଦେଶକୁ ଯାତ୍ରା, ରାତିପାହିବା ବେଳକୁ ବଦଳିଯାଉଥିବା ଜୀବନ ସଂପର୍କରେ କହି ସେମାନଙ୍କୁ ନିଜ ପାଲରେ ପକାଇବାକୁ ସଜାଗ। ସେହିପରି ସ୍ୱାର୍ଥପର ପିତାମାତାମାନେ ପିଲାଙ୍କୁ ଖୁବ୍ ଶିଘ୍ର ଅର୍ଥ ରୋଜଗାର କରିବା ମେସିନ୍‌ରେ ପରିଣତ କରିବାକୁ ସତତ ଚେଷ୍ଟିତ। ଭୋଗବାଦୀ ବିକୃତ ପ୍ରଚ୍ଚରକାରୀମାନେ ଏମାନଙ୍କୁ ଯୌନବୁଭୁକ୍ଷୁ, ନଂପୁସକ, ମଦ୍ୟାସକ୍ତ କରିବା ଲାଗି ପ୍ରସ୍ତୁତ। ଯାହାଫଳରେ ସାରା ପୃଥିବୀରେ ସନ୍ତ୍ରାସବାଦ, ଅପରାଧ, ରାଜନୀତିକ ହିଂସାକାଣ୍ଡ ଆଦି ବିବିଧ ଘଟଣାରେ ସଂପୃକ୍ତ ରହି ଏମାନେ ସମାଜର ବିଘଟନରେ ଲାଗିପଡିଛନ୍ତି।

ସହରାଞ୍ଚଳ ଯୋଜନାଠାରୁ ଆରମ୍ଭ କରି ଗ୍ରାମବିକାଶ ପର୍ଯ୍ୟନ୍ତ ପରିଯୋଜନାଗୁଡିକରେ ଏମାନଙ୍କ ଉପଯୁକ୍ତ ବିନିଯୋଗ ଓ ବିକାଶର ସଂପର୍କରେ ସମାଜ ଯେ ଅଧିକ ସଚେତନ ତାହା ଜଣାପଡେ ନାହିଁ। ଫଳରେ ଗ୍ରାମରୁ ସହରଯାଏ ସବୁଠି ଖେଳପଡିଆଗୁଡିକର ସଂଖ୍ୟା ହ୍ରାସ ପାଇ ମାତ୍ର କେତୋଟି ଶିକ୍ଷାନୁଷ୍ଠାନ କିମ୍ବା ଷ୍ଟାଡିୟମ ଭିତରେ ସୀମିତ ହେଲାଣି। ଯେଉଁଠି ବି ଖେଳ ପଡିଆ ରହୁଛି ତାକୁ କିଛିଦିନପରେ ଅନ୍ୟମାନେ ଦଖଲ କରି ନେଉଛନ୍ତି। ଦେଶବାସୀଙ୍କୁ ସୁସ୍ଥ, ସବଳ, କାର୍ଯ୍ୟକ୍ଷମ କରି ରଖିବାକୁ ଅଧିକ ବ୍ୟାୟାମଶାଳା, ଖେଳପଡିଆ ଆବଶ୍ୟକ। କିନ୍ତୁ ସହରମାନଙ୍କରେ ଏବେ ଯେତେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି ତଦନୁପାତରେ ଖେଳ ପ୍ରତିଯୋଗିତା ହେଉନାହିଁ। ଦେଶର ରାଜନୀତିକ ଦଳଗୁଡିକ ଯୁବକମାନଙ୍କୁ ନିଜର ସମର୍ଥକ ଓ ଭୋଟର କରିବାରେ ବ୍ୟସ୍ତ। ଗଣମାଧ୍ୟମଗୁଡିକ ଏଥିପାଇଁ ରାତିଦିନ ସାହାଯ୍ୟ କରୁଛନ୍ତି। ସେହି ଲକ୍ଷ୍ୟରେ ହ୍ୱାଟସ୍‌ଆପ ଗୋଷ୍ଠି ତିଆରିଠାରୁ ଭିନ୍ନ ଭିନ୍ନ ପ୍ରଚ୍ଚର ମାଧ୍ୟମଗୁଡିକର ଉପଯୋଗ କରାଯାଉଛି। ପ୍ରଶଂସକ ଗୋଷ୍ଠି ଗଠନ ଏହାର ଏକମାତ୍ର ଲକ୍ଷ୍ୟ। ପରିବାର, ସମାଜ, ଦେଶ ଓ ବିଶ୍ୱରେ ସଂଚ୍ଚର ବ୍ୟାପକ ହେବାବେଳେ ସଂପର୍କ ଓ ବିଚ୍ଚର ସଂକୁଚିତ ହେବାରେ ଲାଗିଛି। ଏହି ସଂକୁଚିତ ବିଚ୍ଚରରୁ ସ୍ୱାର୍ଥସର୍ବସ୍ୱ ମଣିଷମାନେ ବାହାରୁଛନ୍ତି। ଏମାନେ ସାକ୍ଷର ସତ। କିନ୍ତୁ ସଦାଚ୍ଚରଯୁକ୍ତ ନୁହନ୍ତି। ଏମାନେ ଆଧୁନିକ ବିଦ୍ୟା ବୁଦ୍ଧିରେ ପାରଙ୍ଗମ ସତ କିନ୍ତୁ ପାରମ୍ପରିକ ଜ୍ଞାନ ଓ ସଚେତନତା ଏମାନଙ୍କ ପାଖରେ କମ୍। ଏମାନେ ରକେଟ ପରି ଆକାଶରେ ଉଡିବା ପାଇଁ ଚ୍ଚହାନ୍ତି। ଅଥଚ ଗଭୀର ସାଗରରେ ଜ୍ଞାନର ଶାମୁକା ଗୋଟାଇବା ଲାଗି ଅଧିକ ସ୍ଥିତପ୍ରଜ୍ଞ ହେବାକୁ ଏମାନଙ୍କ ନିକଟରେ ଆଗ୍ରହର ଅଭାବ ରହିଛି। ଅଳ୍ପକେ ଏମାନଙ୍କୁ ଅନ୍ୟମାନେ ପ୍ରଭାବିତ କରିପାରୁଥିବା ସ୍ଥଳେ ଏମାନେ ଅନ୍ୟମାନଙ୍କୁ ପ୍ରଭାବିତ କରିବା ଅଳ୍ପ ଦେଖାଯାଏ।

ଯୁବଶକ୍ତିର ସମ୍ମୁଖରେ ଆମେ ମଡେଲ କରୁ ଖେଳାଳି ସଂଗୀତକାର କିମ୍ବା ଅଭିନେତାମାନଙ୍କୁ। ସେମାନଙ୍କୁ ସ୍ଥାୟୀ ଚରିତ୍ରଧାରୀ ହେବାକୁ, ବୁଦ୍ଧିମାନ ହେବାକୁ ଯେଉଁସବୁ ଆଧାତ୍ମିକ, ସଂସ୍କୃତିଗତ ଶିକ୍ଷା ଆବଶ୍ୟକ ସେ ବିଷୟରେ କେଉଁଠି ହେଲେ ଚର୍ଚ୍ଚା ଆଲୋଚନା କରୁନାହିଁ। ଏଠାରେ ବୁଦ୍ଧିର ବିତର୍କ ଅପେକ୍ଷା ତାତ୍‌କାଳୀନ ରାଜନୀତିକ ବିତର୍କରେ ଏମାନଙ୍କୁ ଆମେ ବାନ୍ଧି ଦେଉଛୁ। ସାରଶୂନ୍ୟ ଆଲୋଚନା, ଭୋଗବାଦୀ ସାହିତ୍ୟ, ଶ୍ଳୀଳତା ହାନିକର ସିନେମା ଓ ନୃତ୍ୟଗୀତ, ମସ୍ତିଷ୍କ ବିକୃତକାରୀ ବିଚ୍ଚର, ବ୍ୟକ୍ତିକୈନ୍ଦ୍ରିକ ମହାତ୍ମ୍ୟର ପ୍ରଚ୍ଚର ମାଧ୍ୟମରେ ଏବେ ଯୁବଶକ୍ତିକୁ ସମସ୍ତେ ନିଜ ନିଜ ଲାଭରେ ବିନିଯୋଗ କରିବାରେ ଲାଗିପଡିଛନ୍ତି। ସୃଜନଶୀଳତାର ବିକାଶ, ଜଗତକଲ୍ୟାଣକାରୀ ଉଦ୍‌ଭାବନ, ମାନବଶାନ୍ତିକାରୀ ସାମାଜିକ ଓ ସାଂସ୍କୃତିକ ପ୍ରୟାସ, ତ୍ୟାଗ -ତପସ୍ୟା- ବଳିଦାନ ପାଇଁ ପ୍ରୋତ୍ସାହନକାରୀ ସଂସ୍କାର ମୁଖୀପ୍ରେରଣା ଦେବାକୁ କେହି ଚ୍ଚହୁଁନାହାନ୍ତି। ଫଳରେ କୋଟି କୋଟି ସଂଖ୍ୟକ ମଣିଷଙ୍କ ମେଳରୁ ଗୋଟିଏ ଗୋଟିଏ ନୂତନ ବସ୍ତୁ ଉଦ୍‌ଭାବିତ ହେବାର ସମ୍ଭାବନା ଦେଖାଯାଉ-ନାହିଁ। ଦେଶର ଓ ବିଶ୍ୱର ସଂଖ୍ୟାଧିକ ଯୁବଶକ୍ତିକୁ ଯଦି ଆଗାମୀ ଦିନରେ ଗଠନମୂଳକ, ନବସଂକଳ୍ପନା ନେଇ କାର୍ଯ୍ୟ କରିବାପାଇଁ ଅନୁପ୍ରେରିତ କରାନଯାଏ ତେବେ ସମାଜ ଯେପରି ସଂକୀର୍ଣ୍ଣ, ସ୍ୱାର୍ଥପର, ଅହଂକାରୀ ହେବାରେ ଲାଗିଛି ସେମିତି ଅପସଂସ୍କୃତି ଓ ହୀନ ବିଚ୍ଚର ଯୁକ୍ତ ମଣିଷଙ୍କର ସଂଖ୍ୟାରେ ଭରି ହେବାରେ ଲାଗିଛି, ସେହି ଧାରା ବଳବତ୍ତର ରହିବ। ଫଳରେ ଯୁବଶକ୍ତି ପୃଥିବୀର ସୁରକ୍ଷା ବଦଳରେ ବିଘଟନକାରୀ ଶକ୍ତି ଭାବରେ ଛିଡା ହେବେ। ତେଣୁ ଏବେଠୁ ସମସ୍ତେ ସଚେତନ ହେବା ଆବଶ୍ୟକ। ଯୁବଶକ୍ତି ସ୍ୱାର୍ଥସାଧନର ଗୋଟି ନହେବା ଆବଶ୍ୟକ।

**ଜେ.ଏସ. କୁମାର**, ଭାରତୀୟ ସମ୍ବାଦ ସେବା (ଭାସ), ଭୁବନେଶ୍ୱର-୩


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ପ୍ରଦେଶ କଂଗ୍ରେସ ଲିଗାଲ୍ କୁଇକ୍ ଆକ୍ସନ୍ କମିଟିର ସମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ରାଜ୍ୟ କଂଗ୍ରେସର ଲିଗାଲ୍ କୁଇକ୍ ଆକ୍ସନ କମିଟିର ଅଧକ୍ଷ, ବରିଷ୍ଠ ଆଇନ୍‌ଜୀବୀ ଶ୍ରୀଯୁକ୍ତ ଶିବାନନ୍ଦ ରାୟଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ୍ ଭବନ ଠାରେ ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ଧାମନଗର ଉପନିର୍ବାଚନରେ ବିଜୁ ଜନତାଦଳ ଓ ଭାରତୀୟ ଜନତା ପାର୍ଟି ଦ୍ୱାରା ହେଉଥିବା ବିଭିନ୍ନ ଅନୈତିକ କାର୍ଯ୍ୟ, ସରକାରୀ କଳର ଅପବ୍ୟବହାର, ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ଭୋଟର ମାନଙ୍କୁ ଭୟଭୀତ କରିବା ସହିତ ଭୋଟ ବ୍ୟବଧାନ ଅଧିକ ହେଲେ ପୁରସ୍କୃତ କରିବା ପ୍ରଲୋଭନ ଦେଖାଇବା ଇତ୍ୟାଦି ବିରୁଦ୍ଧରେ ବିଧାୟକ ତଥା ବରିଷ୍ଠ ନେତା ସୁରେଶ ରାଉତରାୟ ବିକ୍ଷୋଦ୍‌ଗାର କରିଥିଲେ। ଏହି ନିର୍ବାଚନକୁ ନିରପେକ୍ଷ ଉପାୟରେ କରାନଗଲେ, ଆଗାମୀ ଦିନରେ କଂଗ୍ରେସ ଦଳ ଦୃଢ଼ ପ୍ରତିବାଦ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ଉପସ୍ଥିତ ସଦସ୍ୟବୃନ୍ଦ ସର୍ବୋପରି ମନୋଜ ନାୟକ, ମିତ୍ରଭାନୁ ମହାପାତ୍ର, ବରିଷ୍ଠ ନେତା ପ୍ରକାଶ ଜେନା ଏହି ସମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି। ଶେଷରେ ସଦସ୍ୟ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ଅପହରଣ ମାମଲା, ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଧାରଣାରେ ବସିଲେ ମାଆ

କୋରେଇ,(ପି.ଏନ): ଯାଜପୁର ଜିଲ୍ଲା ବିଂଝାରପୁର ଥାନାରୁ ନାବାଳିକା ଅପହରଣ ମାମଲାରେ ନ୍ୟାୟ ନପାଇ ଶେଷରେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ବାରମ୍ବାର ଗୁହାରୀ ପରେ ନ୍ୟାୟ ନମିଳିବାରୁ ନାବାଳିକାର ମାଆ ଦମୟନ୍ତି ସାହୁ ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆଜି ଧାରଣାରେ ବସିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ଆଜି କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ଦେବା ସହ ବିଂଝାରପୁର ଥାନାକୁ ପଠାଇଥିଲେ। ଝିଅ ମିଳୁନଥିବାରୁ ସେ ଜୀବିତ କି ମୃତ ତାହା ସନ୍ଦେହଘେରରେ ଥିବା ବେଳେ ସପ୍ତାହେ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ଘୋଷଣା କରିଛନ୍ତି ଦମୟନ୍ତି। ଦୀର୍ଘ ୪ ମାସ ହେଲା ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ପୀଡିତାଙ୍କ ପରିବାର ବାରମ୍ବାର ଥାନାକୁ ଓ ଜିଲ୍ଲା ପୁଲିସ ମୁଖ୍ୟାଳୟ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ପ୍ରକାଶ ଯେ, ବିଂଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ଗ୍ରାମର ସ୍ୱର୍ଗତଃ ସୁଶାନ୍ତ ସାହୁଙ୍କ ନାବଳିକା ଝିଅ (୧୭) ୨୦୨୩ ଅପ୍ରେଲ ୧୨ ତାରିଖ ସକାଳ ୭ଟା ସମୟରେ ଘର ସମ୍ମୁଖରେ କୁକୁର ବୁଲାଉଥିବା ବେଳେ ତାଙ୍କୁ ଉକ୍ତ ଥାନା ଅନ୍ତର୍ଗତ ତୋଟାସାହି (ମଧୁସୁଦନପୁର) ଗ୍ରାମର ହରି ଯେନାଙ୍କ ପୁଅ ଜିତେନ୍ଦ୍ର ଯେନା ଏକ ବାଇକରେ ଜବରଦସ୍ତ ବସାଇ ନେଇଯାଇଥିଲା। ଝିଅ ପାଟି କରିବା ପୂର୍ବରୁ ସେଠାରୁ ସେ ଦ୍ରୁତ ଗତିରେ ବାଇକ୍ ନେଇ ପଳାଇଯାଇଥିଲା। ଝିଅକୁ ବହୁ ଖୋଜା ଖୋଜି କରି ନପାଇବା ପରେ ନାବାଳିକାଙ୍କ ମା ଦମୟନ୍ତି ସାହୁ ଝିଅ ଅପହରଣ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୩୫/୨୩ ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ, ପୁଲିସ ଅଭିଯୁକ୍ତଙ୍କୁ ଧରିବା ବଦଳରେ ନାବାଳିକାଙ୍କ ମାଙ୍କୁ ବାରମ୍ବାର ଥାନାକୁ ଡକାଇ ମାନସିକ ନିର୍ଯ୍ୟାତନା ଦେଉଛି। ଅଭିଯୁକ୍ତଙ୍କର ଜଣେ ସମ୍ପର୍କୀୟ ଥାନାର କର୍ମଚାରୀ ହୋଇଥିବାରୁ ପୁଲିସ ତଦନ୍ତ ନକରି ହାତବାନ୍ଧି ବସିଛି ବୋଲି ଦମୟନ୍ତି ଅଭିଯୋଗ କରିଛନ୍ତି। ଥାନାବାବୁଙ୍କ ପକ୍ଷପାତିତାକୁ ନେଇ ୪ ମାସ ମଧ୍ୟରେ ଦମୟନ୍ତି ୪ ଥର ଜିଲ୍ଲା ପୁଲିସ ମୁଖିଆଙ୍କ ନିକଟରେ ମଧ୍ୟ ଫେରାଦ ହୋଇସାରିଛନ୍ତି। କିନ୍ତୁ, ଆଜି ପର୍ଯ୍ୟନ୍ତ କୌଣସି ନ୍ୟାୟ ପାଇପାରି ନାହାନ୍ତି। ଦମୟନ୍ତିଙ୍କ ସ୍ୱାମୀ ସୁଶାନ୍ତ ୯ ବର୍ଷ ହେଲା ଆରପାରିରେ। ପରିବାର କହିଲେ ଗୋଟିଏ ବୋଲି ଝିଅକୁ ନେଇ ସେ ବଂଚୁଥିଲେ। ଝିଅ ଚାଲିଗଲା ପରେ ପୁରା ଭାଙ୍ଗି ପଡିଛନ୍ତି ଦମୟନ୍ତି। ଆଜି ଧାରଣାରେ ବସିବେ ବୋଲି ପୂର୍ବରୁ ପୁଲିସ ମୁଖ୍ୟାଳୟରେ ଅବଗତ କରାଇଥିଲେ। ସବୁ ସତ୍ତ୍ୱେ ମଧ୍ୟ ପୁଲିସ ଅପହରଣକାରୀଙ୍କୁ ଏଯାବତ୍ ଗିରଫ କରିପାରିନାହିଁ। ଫଳରେ ଆଜି ଶେଷରେ ନିରୁପାୟ ଦମୟନ୍ତି ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ସମ୍ପର୍କୀୟଙ୍କ ସହ ଧାରଣାରେ ବସିଥିଲେ।

# ବାଲେଶ୍ୱର ଏନ.ଆଇ.ସି.ରେ ନିୟମ ପରାମର୍ଶଦାତା ଓ କାର୍ଯ୍ୟବଳ କମିଟି ବୈଠକ



ବାଲେଶ୍ୱର (ପିଏନ୍)-ଜିଲ୍ଲା ପିସିପିଏନଡ଼ିଟି ନିୟମ ପରାମର୍ଶଦାତା ଓ କାର୍ଯ୍ୟବଳ କମିଟି ବୈଠକ ଅଧକ୍ଷ ତଥା ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏନ.ଆଇ.ସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଦୁଲାଲ ସେନ ଜଗଦେବ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ବିଭାଗ ଡ. ଶଶାଙ୍କ ଶେଖର ଚୌଧୁରୀ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ସମସ୍ତ ଆଲୋଚନା ଓ ବିଚାର ବିମର୍ଶ ପରେ ଜିଲ୍ଲାର ସମସ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକୁ ଯାଞ୍ଚ କରିବା ସହ ଆଇନ ଖିଲାଫ କରୁଥିବା କେନ୍ଦ୍ରଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡା. ମୃତ୍ୟୁଞ୍ଜୟ ମିଶ୍ର ଓ ଡ଼ିପିଏମ ଅନୀଲ କୁମାର ମହାନ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଏମଏଲଏଆଇଏସ ମାନସ କୁମାର ସାମନ୍ତ ପରିଚାଳନା କରିଥିଲେ।




# ଅଖିଳ ଭାରତବର୍ଷୀୟ ଯାଦବ ମହାସଭାର ସାମ୍ବାଦିକ ସମ୍ମିଳନୀ







ଭୁବନେଶ୍ୱର,(ପି.ଏନ) : ଭୁବନେଶ୍ୱରସ୍ଥ ହୋଟେଲ କଳିଙ୍ଗ ଅଶୋକା ପରିସରରେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପଛୁଆବର୍ଗ କମିଶନର ଦିଲ୍ଲୀ ପ୍ରଦେଶର ଅଧ୍ୟକ୍ଷ ଜଗଦୀଶ ଯାଦବ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ସର୍ବଭାରତୀୟ ସ୍ତରରେ ଅହୀର ରେଜିମେଂଟ ସ୍ଥାପନ ପାଇଁ ଦାବୀ କରାଯିବା ସହ ଓଡିଶାରେ ୨୭% ଓବିସି ସଂରକ୍ଷଣ ପାଇଁ ଦାବୀ କରାଯାଇଛି । ଏଥି ସହ ଓଡିଶାରେ ନୂତନ ଭାବରେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଜ୍ୟ ନୂତନ କମିଟି ଘୋଷଣା କରାଯାଇଛି । ଓଡିଶାର କାର୍ଯ୍ୟକାରୀ ସଭାପତି ଭାବେ ସବ୍ୟସାଚୀ ମହଲା ଓ ପ୍ରେମସିନ୍ଧୁ ହେରନା ଏବଂ ମହିଳା ସଭାପତି ଭାବେ ମାମିନା ଖିଲାର, ରାଷ୍ଟ୍ରୀୟ ଉପସଭାପତି ଭାବେ ହିତେଶ ବର୍ଗତି, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ଜ୍ୟୋତିରଂଜନ କଂସଙ୍କୁ ନିଯୁକ୍ତି କରାଯାଇଛି । ଏଥି ସହ ଓଡିଶାର ଯାଦବମାନଙ୍କ ପାଇଁ ଭୁବନେଶ୍ୱରରେ ଏକ ଜାଗା ପ୍ରଦାନ କରିବା ପାଇଁ ଓଡିଶା ସରକାରଙ୍କୁ ନିବେଦନ ମଧ୍ୟ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଚିତରଂଜନ କଂସ, ଜଗବନ୍ଧୁ ଖିଲାର, ସ୍ନେହଲତା ବାରିକ ଏବଂ ରବୀନ୍ଦ୍ର କୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ସାରଥୀ ପରିବାର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପାରାଦୀପ ସାରଥୀ ପରିବାର ପକ୍ଷରୁ ପାରାଦୀପ ପୋର୍ଟ ହାଇସ୍କୁଲ ଓ ଭୁତମୁଣ୍ଡାଇ ଠାରେ ରବିବାର ଦିନ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାରଥୀ ପରିବାରର ପୁରୁଷ ଓ ମହିଳା ସଦସ୍ୟ ମାନେ 'ବୃକ୍ଷକୁ ଦେବା ସୁରକ୍ଷା ତେବେ ହେବ ଜୀବନ ରକ୍ଷା' ଚିଁ'ନରେ ଆଗ୍ରହ ସହକାରେ ବୃକ୍ଷ ରୋପଣ କରିଥବଲେ । ଏଥିରେ ପରିବାରର ରବିନ୍ଦ୍ର କୁମାର ଜେନା, ଆଦିକନ୍ଦ ସ୍ୱାଇଁ, ପ୍ରମୋଦ ନାୟକ, ସୁଧାଂଶୁ ନାୟକ, ଦିଲ୍ଲିପ କୁମାର ସ୍ୱାଇଁ, ପଙ୍କଜ ସେନାପତି, ପ୍ରତାପ ସିଂ, ଦେବାଶିଷ ଦାସ, ରବିନ୍ଦ୍ର ବେହେରା, ହିରଣ୍ୟ ତରାଇ, ରନ ଦାସ, ଧ୍ରୁବ ଚରଣ ସେଠୀ, ବିଶ୍ୱନାଥ ପଲାଇ, କଳ୍ପତରୁ ସ୍ୱାଇଁ, ଶଶି ନାୟକ ପ୍ରମୁଖ ସାମିଲ ହୋଇ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆଗାମୀ ଦିନରେ ପରିବେଶ ସଂ'ଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

# ଗ୍ରାମ୍ୟ ସଂସ୍କୃତି ଓ ଭାଇଚାରା ମଜଭୁତ ଭାରତର ଆଧାର : ଓଟିଡିସି ଅଧ୍ୟକ୍ଷ ଡଃ. ଲେନିନ୍ ମହାନ୍ତି

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ନିସ୍ତାରିଣୀପୁର ମୌଜା ଅନ୍ତର୍ଗତ ଇଟିପୁର ପଞ୍ଚାୟତର ଜୟପୁର ପାଟଣା ଗ୍ରାମରେ ' ନିସ୍ତାରିଣୀପୁର ୱେଲଫେୟାର ସୋସାଇଟି ' ଦ୍ୱାରା ଗ୍ରାମ୍ୟ ସଂସ୍କୃତି ଓ ଭାଇଚାରା ଆଧାରରେ ଏକ ଗେଟ୍ ଟୁ ଗେଦର ଶ୍ରୀ ଶ୍ରୀ ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡକ୍ଟର ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସୋସାଇଟିର ସଭାପତି ପ୍ରଫୁଲ୍ଲ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ସଦସ୍ୟ ବିକ୍ରମ ମହାରଣା ସୋସାଇଟିର ଆଭିମୁଖ୍ୟ ସଂପର୍କରେ କହିଥିଲେ ଯେ, ସମଗ୍ର ନିସ୍ତାରିଣୀପୁର ମୌଜାର ସର୍ବବିଧ ଉନ୍ନତି ନିମନ୍ତେ ଉକ୍ତ ଅନୁଷ୍ଠାନ ସମର୍ପିତ ଓ ଏଥି ନିମନ୍ତେ ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗକୁ ସେ ସ୍ୱାଗତ କରିଥିଲେ । ଉତ୍ସବକୁ ନିମନ୍ତ୍ରିତ ବ୍ଲକ ଚେୟାରମ୍ୟାନ ଶ୍ରୀମତୀ ନିରୁପମା ସାହୁ ଏପରି ଆୟୋଜନ ଦ୍ୱାରା ତଥା ପାରସ୍ପରିକ ସହଯୋଗରେ ଅଞ୍ଚଳର ଉନ୍ନତି ନିମନ୍ତେ ଜନମତ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସ୍ମାର୍ଟ ସିଟି ଭୁବନେଶ୍ୱରର ଅନତି ଦୂରରେ ଅବସ୍ଥିତ ଉକ୍ତ ଅଞ୍ଚଳରେ '୫-ଟି' ଉପକ୍ରମ ଆଧାରରେ କାର୍ଯ୍ୟ କରି ଅନୁମୋଦିତ ଯୋଜନାଗୁଡ଼ିକର ତ୍ୱରିତ୍ କାର୍ଯ୍ୟାନ୍ୱୟନ ସମ୍ଭବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏଠାକାର ଲୋକଙ୍କ ଜୀବନରେଖା ରୂପେ ଅଭିହିତ ନଦୀବନ୍ଧ ରାସ୍ତା କାର୍ଯ୍ୟ ଅବିଳମ୍ବେ ଆରମ୍ଭ କରିବାକୁ ନିବେଦନ ସହ ଶ୍ରୀ ଶଶାଙ୍କ ଶେଖର ରାଉତ ମୁଖ୍ୟ ଅତିଥିଙ୍କୁ ସମ୍ବୋଧିତ ସ୍ମାରକ ପତ୍ର ପାଠ କରିଥିଲେ । ଗ୍ରାମ୍ୟ ପରିବେଶର ଶାନ୍ତ ସ୍ନିଗ୍ଧ ବାତାବରଣ ଓ ପାରସ୍ପରିକ ସହଯୋଗ ତଥା ଭାଇଚାରାରେ ଅଭିଭୂତ ମୁଖ୍ୟ ଅତିଥି ଡକ୍ଟର ମହାନ୍ତି ତାଙ୍କର ସଂକ୍ଷିପ୍ତ ତଥା ଅର୍ଥପୂର୍ଣ୍ଣ ବକ୍ତବ୍ୟରେ ଗ୍ରାମ୍ୟ ସଂସ୍କୃତି ଓ ଭାଇଚାରାର ଭୂରି ଭୂରି ପ୍ରଶଂସା କରି ଏହାର ପଟାନ୍ତର ନାହିଁ ଏବଂ ଏହା ମଜଭୁତ ଭାରତର ଆଧାର ବୋଲି ମତବ୍ୟକ୍ତ କରିଥିଲେ । ଅଞ୍ଚଳର ଉନ୍ନତି ନିମନ୍ତେ ସରକାରୀ ଯୋଜନା କାର୍ଯ୍ୟକାରିତାରେ ଥିବା ପ୍ରତିବନ୍ଧକ ଦୂର କରିବାକୁ ଉଚ୍ଚ ସ୍ତରରେ ଆଲୋଚନା ନିମନ୍ତେ ସେ ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କୃତି ପ୍ରତିଭାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟ ଉପଦେଷ୍ଟା ଶ୍ରୀ ବିଭୂତି ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚତୁର୍ଥ କାଞ୍ଚନ କର୍ପୋରେଟ ଆୱାର୍ଡ଼-୨୦୨୩



ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ଚତୁର୍ଥ କାଞ୍ଚନ କର୍ପୋରେଟ ଆୱାର୍ଡ଼-୨୦୨୩ ଭୁବନେଶ୍ୱରସ୍ଥିତ ହୋଟେଲ ଏକ୍ସିଲେନ୍ସି ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶ୍ରୀଯୁକ୍ତ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କାଞ୍ଚନ ଫାଉଣ୍ଡେସନର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମୁଦୁଲି, ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମୋ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଆକାଶ ଦାସନାୟକ, ପାରାଦ୍ୱୀପ ଫସଫେଟ ଲିମିଟେଡ଼ର କର୍ପୋରେଟ ଆଫେୟାର୍ସର ମୁଖ୍ୟ ସୁଧିରଞ୍ଜନ ମିଶ୍ର, ବିଶିଷ୍ଟ ଉଦ୍ୟୋଗପତି ଡଃ ଶୁଭାଶିଷ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କର୍ପୋରେଟ ଜଗତର ୧୫ଜଣ ବିଶିଷ୍ଟ ଉଦ୍ୟୋଗପତିଙ୍କୁ କାଞ୍ଚନ କର୍ପୋରେଟ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶ୍ରୀମତୀ ସୁଚିସ୍ମିତା ପୃଷ୍ଟି, ବିଜୁ ଜନତା ଦଳର ମୁଖପାତ୍ର ଇସ୍ମିତା ସାହୁ, ବିଶିଷ୍ଟ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ପ୍ରମୋଦ ପାଢୀ, ନାରାୟଣ ବେହେରା, ଜିତୁପ୍ରସାଦ ମଲ୍ଲିକ, ଶ୍ରୀଲିପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶୁଭୋଜିତ ପଣ୍ଡା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ବିଶ୍ୱଜିତ ସାମନ୍ତରାୟ, ଦୀପକ କୁମାର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

# ଝାରସୁଗୁଡାର ଗୋଁଣ୍ଡୱାନା ଛକରେ କରୁଣାକର ମୂର୍ତ୍ତି ସ୍ଥାପନ ହେବ



ଝାରସୁଗୁଡା,(ପି.ଏନ): ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ କମିଟି ଭୁବନେଶ୍ୱର ୩ନଂ ୟୁନିଟ ସ୍ଥିତ ରାଜ୍ୟ ଡିପ୍ଲୋମା ଇଞ୍ଜିନିୟର ଆସୋସିଏସନ ସଭା ଗୃହରେ ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ସାଂସଦ ତଥା ମହାସଭାର ମୁଖ୍ୟ ପୁରୋଧା ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପୂର୍ବତନ ବାଲିଗୁଡା ବିଧାୟକ ରାଜୀବ ପାତ୍ର ଓ ଇଂଜିନିୟର ରବୀନ୍ଦ୍ର ନାଥ ନାଏକ ଯୋଗ ଦେଇଥିଲେ। ଏହି ସଭାରେ ମୁଖ୍ୟ ଭାବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହା ଡିସେମ୍ବର ୨୧ ତାରିଖ ଦିନ ୧୫୮ ତମ କୋଲାବିରା ଜମିଦାର ସହୀଦ କରୁଣାକର ସିଂହ ନାଏକ, ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କ ଆତ୍ମୋତ୍ସର୍ଗ ଦିବସରେ ଯୋଗ ଦେଇ ଅଞ୍ଚଳବାସୀଙ୍କ ପାଖରେ ଘୋଷଣା କରିଥିବା ତିନୋଟି ପ୍ରସ୍ତାବ ଉପରୋକ୍ତ ସହୀଦ ମାନଙ୍କୁ ସହୀଦ ମାନ୍ୟତା, ୫୦ ଲକ୍ଷ ଟଙ୍କା କରୁଣାକର ସିଂହ ନାଏକ ଟ୍ରଷ୍ଟକୁ ପ୍ରଦାନ ଓ ଗଢ ସୁରକ୍ଷାର ପ୍ରଥମ ପର୍ଯ୍ୟାୟରେ ସହୀଦ କରୁଣାକର ସିଂହ ନାଏକଙ୍କର ବିଳମ୍ବରେ ହେଲେ ମଧ୍ୟ ତାଙ୍କ ପ୍ରତିମୂର୍ତ୍ତି ଝାରସୁଗୁଡା ଘଣ୍ଟା୪୯ ସ୍ଥିତ ଗୋଁଣ୍ଡୱାନା ଛକ ଠାରେ ପ୍ରଥମ କରି ସରକାରଙ୍କ ତରଫରୁ ଗୋଁଣ୍ଡ ସମାଜର ସହୀଦ ବୀର ମାନଙ୍କ ମୂର୍ତ୍ତି ବସିବ। ଏଥିପାଇଁ ଝାରସୁଗୁଡା ଜିଲ୍ଲାପାଳ ରାଜ୍ୟ ସଂସ୍କୃତି ବିଭାଗକୁ ଜଣେଇ ସାରିଛନ୍ତି। ସେଥିପାଇଁ ୧୫୮ ତମ ଆତ୍ମୋତ୍ସର୍ଗ ଦିବସର ଆୟୋଜକ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବଧେଇ ଜଣେଇଛନ୍ତି। ଏହି ପ୍ରତିମୂର୍ତ୍ତି ଉନ୍‌ମୋଚନରେ ରାଜ୍ୟର ଲକ୍ଷାଧିକ ଗୋଁଣ୍ଡ ସମାଜର କର୍ମକର୍ତ୍ତା ଯୋଗ ଦେବେ। ଏହାର ବିଧିବଦ୍ଧ ତାରିଖ ସମୟ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଅତିଶୀଘ୍ର ଘୋଷଣା କରିବେ ବୋଲି ସଂସ୍କୃତି ବିଭାଗ କଥା ଦେଇଛନ୍ତି। ଏହି ଅବସରରେ ସହୀଦ କରୁଣାକର ସିଂହ ନାଏକ ସେନାବାହିନୀ ଗଠିତ ହେବ।ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜର ଅନୁମୋଦନ କ୍ରମେ ସାର୍ବଜନୀନ ଭାବରେ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ ଗଠନ ହେବ ଏଥିରେ କୋଲାବିରା ଜମି ଜମିଦାରଙ୍କର ବର୍ତ୍ତମାନ ଥିବା ମହାରାଣୀ ଗୁଣବନ୍ତୀ କୁମାରୀ ଦେଇଙ୍କ ଅଧ୍ୟକ୍ଷତାରେ ଏହି ଟ୍ରଷ୍ଟ ଦିନେ ଦୁଇଦିନ ମଧ୍ୟରେ ଗଠନ ହେବ। ଗତ ସ୍ୱାଧୀନତା ଦିବସ ଦିନ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ମିତ୍ରଭାନୁ ସାହୁଙ୍କ ଘୋଷଣା ଅନୁଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନାମରେ ଏକ ସଭାଗୃହ କୋଲାବିରା ରେ ନିର୍ମାଣ ହେବ। ସେଥିପାଇଁ ସଂପୂର୍ଣ୍ଣ ଖର୍ଚ୍ଚ ଯୋଗାଇ ଦେବା ପାଇଁ ଶ୍ରୀସାହୁ ଜଣାଇଛନ୍ତି। ନିୟମ ଅନୁଯାୟୀ ପ୍ରତି ତିନିବର୍ଷରେ ଥରେ ପୂର୍ଣ୍ଣାଙ୍ଗ ରାଜ୍ୟ କମିଟି ଗଠନ ହୁଏ। ଚଳିତ ବର୍ଷ ଅକ୍ଟୋବର ୧୫ ତାରିଖ ଦିନ କାର୍ଯ୍ୟକାଳ ସରିଯାଇଥିବା ସମସ୍ତ ରାଜ୍ୟ,ଜିଲ୍ଲା, ଗୁଡି କମିଟିର ପୁର୍ନଗଠନ ହେବ। ଏହି ସଭାରେ ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତିବାଲା ନାୟକ, ରାଜ୍ୟ ଉପାଧ୍ୟକ୍ଷା ଦମୟନ୍ତି ମହାପାତ୍ର, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ମଧୁସୂଦନ ପ୍ରଧାନ, ଜିଲ୍ଲା ସଭାପତି ଡମ୍ବରୁଧର ନାଏକ ଝାରସୁଗୁଡା, ଶ୍ୟାମସୁନ୍ଦର ଭୋଇ ବଲାଙ୍ଗୀର, ଭାଗରଥି ସିଂହ ବରଗଡ଼, ପଦ୍ମନ ପାତ୍ର କଳାହାଣ୍ଡି, ଚନ୍ଦ୍ରମୋହନ ନାଏକ କେନ୍ଦୁଝର ପ୍ରମୁଖ ଯୋଗ ଦେଇଥିଲେ।

MAHARISHI PUBLIC SCHOOL
मा विद्याधिगम्यते

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday August 29, 2023 | ଭୁବନେଶ୍ୱର ମଙ୍ଗଳବାର , ଅଗଷ୍ଟ ୨୯,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିକାଶ ମଞ୍ଚ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଉପଖଣ୍ଡ ବିକାଶ ମଞ୍ଚ ତରଫରୁ ଦୀର୍ଘ ଦିନଧରି ଦାବି ହେଉଥିବା , ଜଟଣୀ ରାସ୍ତାର ପ୍ରଶସ୍ତିକରଣ, ଆପାର୍ଟମେଣ୍ଟକୁ ଯୋଗ କରୁଥିବା ରାସ୍ତାକୁ ପକ୍କା ରାସ୍ତା,ଆଲୋକିକରଣ ଓ ଡ୍ରେନ୍ ନିର୍ମାଣ ଆଦି ଦାବି ଗୁଡ଼ିକ ଅମଳ ହେବାକୁ ଯାଉଥିବାରୁ ଆପାର୍ଟମେଣ୍ଟର ବାସିନ୍ଦା ମାନେ ବହୁ ସଂଖ୍ୟାରେ ନବୀନ ନିବାସରେ ରୁଣ୍ଡ ହୋଇ ଧନ୍ୟବାଦ ଜଣାଇଛନ୍ତି । ସୂଚ୍ନା ଥାଉକି ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବାକୁ ସୂଚ୍ନା ମିଳିବା ପରେ ସମସ୍ତେ ଉସ୍ଛାହ ସହ ପୁଷ୍ପଗୁଚ୍ଛ ଧରି ନବୀନ ନିବାସରେ ପହଞ୍ଚି ଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ସଚ୍ଚ୍ରୀବ ଭି କେ ପାଣ୍ଡିଆନ୍ ଉପସ୍ଥିତ ରହି ଆପଣମାନଙ୍କ ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀ ପୂରଣ କରିବାରେ ସହର୍ଷ ସମ୍ମତି ଦେଇଛନ୍ତି ଏବଂ ଖୁବ୍ ଶୀଘ୍ର ଏହାର କାମ ସଂପୂର୍ଣ୍ଣ କରାଯିବ ବୋଲି ଘୋଷଣା କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ନାୟକ -ଉପ ସଭାପତି,ପ୍ରବୋଧ କୁମାର ସାମଲ-ଯୁଗ୍ମ ସଂପାଦକ, ଦାମୋଦର ପଣ୍ଡା,ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ସୂଚ୍ନା ମିଳିବା ପରେ ସମସ୍ତେ ଖୁସି ଅଛନ୍ତି ବୋଲି ବିକାଶ ମଞ୍ଚର ସାଧାରଣ ସଂପାଦକ ରଜନୀ କାନ୍ତ ସାମନ୍ତରାୟ ସୂଚ୍ନା ଦେଇଛନ୍ତି ।



## ଡାକ ବିଭାଗ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ

ଧର୍ମଶାଳା, (ପିଏନ୍): ଜାତୀୟ କ୍ରୀଡା ଦିବସ ଅବସରରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଲାଲବାହାଦୁର ହାଇସ୍କୁଲ ଠାରେ ଯାଜପୁର ପୋଷ୍ଟାଲ ଡିଭିଜନ ତରଫରୁ ବିଭିନ୍ନ ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଆଜି ସ୍କୁଲ ପରିସରରେ ଖେଲୋ ଇଣ୍ଡିଆ, ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଲିବଲ, ଚେସ ଓ ଯୋଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆଜି ପାଳିତ ହେବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ

କୋରାପୁଟ,(ପି.ଏନ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ୧୫ତମ ପ୍ରତିଷ୍ଠା ଦିବସ ଆସନ୍ତା ଅଗଷ୍ଟ ୨୯ ତାରିଖରେ କୋରାପୁଟ ସ୍ଥିତ ଲାଣ୍ଡିଗୁଡ଼ା କ୍ୟାମ୍ପସରେ ପାଳିତ ହେବାକୁ ଯାଉଛି । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସାରସ୍ୱତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ ଲାଇନ୍ ମାଧ୍ୟମରେ ସେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟକୁ ସମ୍ବୋଧନ କରିବେ । ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ (ହାଲ୍ ), ସୁନାବେଡ଼ାର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚ଼କ୍ରଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ୨୦୦୯ ମସିହାରେ ଏହି ୨୯ ତାରିଖରେ କୋରାପୁଟ ଠାରେ ଏହି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା । ଏହା ଏକସଙ୍ଗରେ ସ୍ଥାପିତ ହୋଇଥିବା ଦେଶର ଅନ୍ୟ ୧୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନ୍ୟତମ ଥିଲା । ପ୍ରତିଷ୍ଠା ପରଠାରୁ ବିଶ୍ୱବିଦ୍ୟାଳୟ ନିଜର ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବ ସହ ଏହି ଅଞ୍ଚଳର ଶିକ୍ଷାଗତ ଆକାଂକ୍ଷାପୂରଣ ପାଇଁ ପ୍ରୟାସ ଜାରି ରଖିଛି । ବିଗତ ୧୪ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ୦୮ଟି ବିଦ୍ୟାଳୟ ଓ ୧୮ଟି ବିଭାଗ ପ୍ରତିଷ୍ଠା କରିଥିବା ବେଳେ ୦୮ଟି ବିଭାଗରେ ଗବେଷଣା କାର୍ଯ୍ୟକ୍ରମ ହାତକୁ ନେଇଛି । ଚ଼ଳିତ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟ କୃଷି ବିଜ୍ଞାନ, ବନୀକରଣ ପରିଚ଼ାଳନା, ପଶୁପାଳନ ଓ ଦୁଗ୍ଧ ଚ଼ାଷ ରେ ଇ.ଝମ ପାଠ୍ୟକ୍ରମ ଏବଂ ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ପରିଚ଼ାଳନାରେ ପିଜି ଏମବିଏ ପାଠ୍ୟକ୍ରମ ଆରମ୍ଭ କରିଛି । ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ତଥା ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବର୍ତ୍ତମାନର ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ବର୍ତ୍ତମାନର କୁଳପତି ପ୍ରଫେସର ଚ଼କ୍ରଧର ତ୍ରିପାଠୀ ସେପ୍ଟେମ୍ବର ୨୦୨୨ରେ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ । ତାଙ୍କ ଯୋଗଦାନ ପରେ କ୍ୟାମ୍ପସ ଭିତ୍ତିଭୂମି ବିକାଶ ଏବଂ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ସମେତ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ ଅବ୍ୟାହତ ରଖିଛନ୍ତି ।

## ଧର୍ମଶାଳା ସବ୍ପୋଷ୍ଟ ମାଷ୍ଟରଙ୍କ ଶ୍ରଦ୍ଧାଳି ସଭା

ଧର୍ମଶାଳା, (ପିଏନ୍): ଧର୍ମଶାଳା ଉପଡାକଘର ସବପୋଷ୍ଟ ମାଷ୍ଟର ସ୍ୱର୍ଗତ ସୁଶାନ୍ତ କୁମାର ସାହୁଙ୍କ ଏକାଦଶାହ ଅବସରରେ ଧର୍ମଶାଳା ଡାକ ଘରେ ଏକ ସ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ପୋଷ୍ଟାଲ ଡିଭିଜନର ଅଧିକ୍ଷକ ଶୁଭ୍ରକାଶ ନାୟକ, ଧର୍ମଶାଳା ପୋଷ୍ଟାଲ ଡାକ ନିରୀକ୍ଷକ କୁମର ପ୍ରସାଦ ଜେନା, ଧର୍ମଶାଳା ସବ ପୋଷ୍ଟ ମାଷ୍ଟର ଅଚ୍ୟୁତ ଖଣ୍ଡେଇ, ପୂର୍ବତନ ପୋଷ୍ଟ ମାଷ୍ଟର ସୁନିତ କୁମାର ମହାରଣା, ଅନନ୍ତ ଚରଣ ସାହୁ, ଚକ୍ରଧର ବେହେରା, ସୁଶ୍ରୀ ବିଶ୍ୱାଳ, ଯାଜ୍ଞସେନୀ ସାହୁ, ଲୋପାମୁଦ୍ରା ମହାନ୍ତି, ବିନୁଲତା ଶାନ୍ତି, ସୌଗତ ଶୁଭଙ୍କର ସ୍ୱାଇଁ, ସନ୍ତୋଷ ଶତପଥୀ, କୁବିହାରୀ ରାୟ, ସୁବାଷ ଦାସ, ଗୁଲାମ ରସୁଲ ଖାନ, ରିନୁଲତା ତରାଇ, ଦେବାଶିଷ କର, କୁଳମଣି ରାଉତ, ତପନ ମଲିକ, କାନ୍ହୁ ଚରଣ ପାତ୍ର, କୃଷ୍ଣ ଚନ୍ଦ୍ର ମାଝୀ, ଖିରୋଦ ମହାଲିକ, ଅବିନାଶ ରଥ, ପ୍ରମୋଦ କୁମାର ସାହୁ, ଚନ୍ଦ୍ରମଣି ମଲିକ ଯୋଗ ଦାନ କରିଥିଲେ, ସମସ୍ତ କାର୍ଯ୍ୟକ୍ରମ କୁ କାଏମା ପୋଷ୍ଟ ମାଷ୍ଟର ଧନେଶ୍ୱର ମହାନ୍ତି ପରିଚାଳନା କରିଥିଲେ, ଧର୍ମଶାଳା ସବ ପୋଷ୍ଟ ଅଫିସ ରେ ଶୋକ ସଭା ପାଳନ ପରେ ଡାକ ଅଧିକ୍ଷକ ଏବଂ ନିରୀକ୍ଷକ ସୁଶାନ୍ତ ସାହୁ ଙ୍କ ବାସ ଭବନ କୁ ଯାଇ, ତାଙ୍କ ପତ୍ନୀ ଙ୍କ ର ଚାକିରୀ, ପେନସନ ଏବଂ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା କୁ ପ୍ରତିଶୃତି ଦେଇଥିଲେମହାନ୍ତି ସହଯୋଗ କରିଥିଲେ ।

## କାଢ଼ା କେନାଲ ଜବର ଦଖଲ ଅଭିଯୋଗ



ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଚୋରମୁହାଁ ପଂଚାୟତ ବଡ଼ ମଙ୍ଗଳପୁର(ଖପରାଖାଇ) ମୌଜାରେ ହୋଇଥିବା କାଢ଼ା କେନାଲକୁ ଜବରଦଖଲ କରାଯାଇଛି । ଏଥିପାଇଁ ଚାଷଜମିକୁ କେନାଲ୍ ପାଣି ଯାଇପାରୁନାହିଁ । ପାଣି ଅଭାବରୁ ଏବେ ଧାନଚାଷ ବାଧାପ୍ରାପ୍ତ ହୋଇଛି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗରୁ ପ୍ରକାଶ ଯେ, ଜାରକା ଜଳସେଚନ ଡିଭିଜନ ଅଧୀନସ୍ଥ ୧୪ନମ୍ବର କେନାଲରୁ କାଢ଼ା କେନାଲ ମାଧ୍ୟମରେ ନିକଟସ୍ଥ ଚାଷଜମିକୁ କେନାଲ ପାଣି ଯୋଗାଇ ଦିଆଯାଏ । ହେଲେ ବହୁବର୍ଷ ହେଲା ନାଉପାଳ ଗାଁ ନିକଟରେ କେତେକ ବ୍ୟକ୍ତି କାଢ଼ା କେନାଲକୁ ଜବରଦଖଲ କରିଛନ୍ତି । କାଢ଼ା କେନାଲକୁ ହାଣି ନିଜ ଚାଷଜମିରେ ମିଶାଇ ଦେଇଛନ୍ତି । ଫଳରେ କେନାଲ ପାଣି ଅବଶିଷ୍ଟ ଜମିକୁ ମାଡ଼ି ପାରୁନାହିଁ । ଚାଷୀ ଜଳକର ଦେଉଥିବା ବେଳେ ସେମାନଙ୍କ ଜମି ଜଳସେଚିତ ହୋଇ ପାରୁନାହିଁ । ଏନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । କାଢ଼ା କେନାଲ ନିର୍ମାଣ ସମୟରେ ଏହାର ଚଉଡ଼ା ୮ଫୁଟ୍(୧୨କଡ଼ି) ରହିଥିଲା । ଯେଉଁ କିଛି କାଢ଼ା କେନାଲ ରହିଛି ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ ଏବେ ଏହାର ଚଉଡ଼ା ୩ଫୁଟ୍ରୁ କମିଗଲାଣି । ସେହିପରି କେତେକ କାଢ଼ା କେନାଲ ଉପରେ ନିକଟରେ ରହୁଥିବା ଲୋକେ ପଥର, ବାଲି, ଗୋଡ଼ି ଆଦି ଗୃହ ନିର୍ମାଣ ସାମଗ୍ରୀ ଗଦେଇ ଦେଇଛନ୍ତି । ଏଥିରେ ପାଣିଯିବା ଆଉ ସମ୍ଭବ ହେଉନାହିଁ । ଜାମୁବଣିଆ ମୌଜାରେ କାଢ଼ା କେନାଲ ଉପରେ କୋଠାଘର ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି । ଉତର ଶାସନ ମୌଜାରେ କାଢ଼ା କେନାଲ ଚଉଡ଼ା ଦିନକୁ ଦିନ କମି ଯାଉଥିବା ଦେଖିବାକୁ ମିଳିଛି । ଆଉ କେତେକ ସ୍ଥାନରେ କାଢ଼ା କେନାଲ ଅବ୍ୟବହୃତ ହୋଇପଡ଼ିଛି । ଘାସ ସଫା ହେଉନଥିବାରୁ ଏଥିରେ ଆବଶ୍ୟକ ପରିମାଣର ପାଣି ତଳ ମୁଣ୍ଡକୁ ଯାଇ ପାରୁନାହିଁ । ଚାଷଜମିକୁ ଜଳସେଚିତ କରିବା ପାଇଁ ବହୁବର୍ଷ ପୂର୍ବେ ଜଳସେଚନ ବିଭାଗ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କାଢ଼ା କେନାଲ ନିର୍ମାଣ କରାଯାଇଛି । ହେଲେ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀ ଆଖି ବୁଜି ଦେଇଛନ୍ତି । ଏହାର ସୁଯୋଗରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଅଧିକାଂଶ କାଢ଼ା କେନାଲକୁ ଜବରଦଖଲ କରିଥିବା ଅଭିଯୋଗରେ ଦର୍ଶାଯାଇଛି । କାଢ଼ା କେନାଲର ପୁନରୁଦ୍ଧାର ଓ ଜବର ଦଖଲ ହଟାଇବା ପାଇଁ କୃଷକନେତା ଶ୍ୟାମସୁନ୍ଦର ଦାସ ଦାବି କରିଛନ୍ତି ।

## ଟ୍ରକ୍ ଚୋରି ଅଭିଯୋଗ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ହରିଦାସପୁରସ୍ଥିତ ରାମ୍କୋ ସିମେଂଟ କାରଖାନା ଫାଟକ ନିକଟରେ ଥିବା ଏକ ୧୨ଚକିଆ ଟ୍ରକ୍ ଗତକାଲି ରାତିରେ ଚୋରି ହୋଇଛି । ଏ ସଂପର୍କରେ ଟ୍ରକ୍ ମାଲିକ ବ୍ରାହ୍ମଣଦା ଗ୍ରାମର ଲିଙ୍ଗରାଜ ସାହୁ ଆଜି ଧର୍ମଶାଳା ଥାନାରେ ଏତଲା ଦେଇଛନ୍ତି । ପ୍ରକାଶ ଯେ, ସିମେଂଟ ପରିବହନ କାର୍ଯ୍ୟରେ ଲାଗିଥିବା ଟ୍ରକ୍(ଓଡି୦୫ ଆର୍-୬୬୪୩)କୁ ଚାଳକ ଗତକାଲି ରାତିରେ ରାମ୍କୋ କାରଖାନା ଫାଟକ ନିକଟରେ ରଖି ଘରକୁ ଯାଇଥିଲେ । ଆଜି ସକାଳେ ଆସି ଦେଖନ୍ତି ତ' ଟ୍ରକ୍ ସେଠାରେ ନାହିଁ । ବହୁ ଖୋଜାଖୋଜି ପରେ ଟ୍ରକ୍ର କୌଣସି ସନ୍ଧାନ ନମିଳିବାରୁ ଟ୍ରକ୍ ଚାଳକ ତଥା ମାଲିକ ଶ୍ରୀ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ନିଜ ଜନ୍ମଦିନରେ ଦିବ୍ୟାଙ୍ଗଙ୍କୁ ଏକ ଦୋକାନ ଉପହାର ଦେଇ ଚ଼ର୍ଚ୍ଚାରେ ବିକ୍ରମ

ନିମାପଡ଼ା,(ପି. ଏନ): ନିଜର ଜନ୍ମଦିନରେ ଜଣେ ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ତେଜରାତି ଦୋକାନ ଉପହାର ଦେଇ ଚ଼ର୍ଚ୍ଚାରେ ନିମାପଡାର ଯୁବ ବ୍ୟବସାୟୀ ବିକ୍ରମ କେଶରୀ ସାମଲ । ଅଗଷ୍ଟ ୨୭ ତାରିଖ ନିମାପଡା ର ଜଣାଶୁଣା ଯୁବ ବ୍ୟବସାୟୀ ବିକ୍ରମ କେଶରୀ ସାମଲଙ୍କ ଜନ୍ମଦିନ ଥିଲା । ପ୍ରତିବର୍ଷ ପରି ଚ଼ଳିତ ବର୍ଷ ମଧ୍ୟ ସେ ଏକ ନିଆରା ଢଙ୍ଗରେ ନିଜର ଜନ୍ମଦିନକୁ ପାଳନ କରିଥିଲେ ।ଗୋପ ବ୍ଲକ ମୁରୁଡ଼ା ଗ୍ରାମର ଜଣେ ଦିବ୍ୟାଙ୍ଗ ଅଭିମନ୍ୟୁ ମହାନ୍ତି ଙ୍କୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ତେଜରାତି ଦୋକାନ ବିକ୍ରମ ଉପହାର ରେ ଅଭିମନ୍ୟୁ ଙ୍କୁ ଦେଇଥିଲେ । ନୂଆ ଦୋକାନ ଚ଼ାବି ଅଭିମନ୍ୟୁଙ୍କୁ ସେ ପ୍ରଦାନ କରିବା ସହ ରିବନ କାଟି ଦୋକାନର ଶୁଭାରମ୍ଭ ମଧ କରିଥିଲେ । ନୂଆ ଦୋକାନଟିଏ ପାଇ ଅଭିମନ୍ୟୁ ବେଶ ଖୁସି । ନିଜ ଜନ୍ମଦିନରେ କରିଥିବା ଏଭଳି ମହତ କାର୍ଯ୍ୟ ପାଇଁ ମୁରୁଡ଼ା ଗ୍ରାମବାସୀ , ଅଭିମନ୍ୟୁଙ୍କ ପତ୍ନୀ ସୁଚ଼ିତ୍ରା ମହାନ୍ତି ସମସ୍ତେ ବିକ୍ରମଙ୍କ ଶତ ଶତ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିକ୍ରମ ସାରା ରାଜ୍ୟବାସୀଙ୍କ ପାଇଁ ଉଦାହରଣ ବୋଲି ମୁରୁଡ଼ା ଗ୍ରାମର ବିଶିଷ୍ଟ ସମାଜସେବୀକା ରାଜଲକ୍ଷ୍ମୀଦାଶ କହିଛନ୍ତି ।ଜୀବନର ସଂଗ୍ରାମକୁ ଅତି ନିକଟରୁ ଦେଖି ଦୁଃଖ କଷ୍ଟକୁ ଅନୁଭବ କରି ନିଜ ଗୋଡରେ ନିଜେ ଠିଆ ହେବା ସହ ଅନ୍ୟର ଦୁଃଖ କଷ୍ଟକୁ ବୁଝି ପାରୁଥିବା ମଣିଷ ଟିଏ ବିକ୍ରମ କେଶରୀ ସାମଲ ଆଜି ସମାଜ ପାଇଁ ଏକ ଉଦାହରଣ ପାଲଟିଯାଇଛନ୍ତି ।

## ସମ୍ବଲପୁରରେ ନୂତନ କାର୍ଯ୍ୟାଳୟର ଶୁଭାରମ୍ଭ କରିଛି ଏମ୍ଡିଇଣ୍ଡିଆ

ଭୁବନେଶ୍ୱର,(ପି.ଏନ): ଏକ ଅଗ୍ରଣୀ ହେଲ୍ଥ ଇନ୍ସୁରାନ୍ସ ଟିପିଏ ଏମ୍ଡିଇଣ୍ଡିଆ, ଓଡିଶାର ସମ୍ବଲପୁରରେ ଏହାର ନୂତନ କାର୍ଯ୍ୟାଳୟର ଉଦ୍ଘାଟନ କରିଛି । ଟିପିଡବ୍ଲ୍ୟୁଓଡିଏଲ୍ର ସିଇଓ ଗଜାନନ ଏସ୍.କାଲେ, କମ୍ପାନୀର ଏଚ୍ଆର୍ ହେଡ୍ କସ୍ମସ୍ ଲାକ୍ରା ଏବଂ ଓଡିଶା ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ନୂଆ କର୍ଯ୍ୟାଳୟର ଉଦ୍ଘାଟନ କରିଛନ୍ତି । ସମ୍ବଲପୁରରେ ଏମ୍ଡିଇଣ୍ଡିଆର ସମ୍ପ୍ରସାରଣ, ଗ୍ରାହକଙ୍କୁ ଧ୍ୟାନକୈନ୍ଦ୍ରିତ, ଅଭିନବ ସମାଧାନ ଯୋଗାଇବା ଓ ଟିପିଡବ୍ଲ୍ୟୁଓଡିଏଲ୍ର କର୍ମଚାରୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ନେଇ କମ୍ପାନୀର ସମର୍ପଣଭାବକୁ ପ୍ରତିଫଳନ କରୁଛି । ଏହି ରଣନୈତିକ ପଦକ୍ଷେପ ଏମ୍ଡିଇଣ୍ଡିଆକୁ ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଏହି ଅଂଚଳରେ ନିଜର ଗ୍ରାହକ ଆଧାରକୁ ଉତମ ଭାବେ ସେବା ଯୋଗାଇବାକୁ ଅନୁମତି ଦେବ, ଯାହା ସ୍ଥାନୀୟ ଅର୍ଥନୀତି ଓ ନିଯୁକ୍ତି ଅଭିବୃଦ୍ଧିରେ ଯୋଗଦାନ ଦେବ । ଏହି ନୂତନ କାର୍ଯ୍ୟାଳୟର ଶୁଭାରମ୍ଭ ସମ୍ପର୍କରେ ଏମ୍ଡିଇଣ୍ଡିଆର ମୁଖ୍ୟ ପରିଚାଳନା ଅଧିକାରୀ ସମିର ଭୋନ୍ସାଲେ କହିଛନ୍ତି, ନ୍ତଗଜାନନ କାଲେଙ୍କ ହାତରେ ସମ୍ବଲପୁରରେ ଆମର ନୂତନ କାର୍ଯ୍ୟାଳୟର ଉଦ୍ଘାଟନ ଟିପିଡବ୍ଲ୍ୟୁଓଡିଏଲ୍ ଓ ଆମର ମୂଲ୍ୟବାନ ଗ୍ରାହକଙ୍କୁ ଯତ୍ନ, ସେବା ଉତ୍କର୍ଷତା ଓ ଉଦ୍ଭାବନ ପ୍ରଦାନ କରିବା ପ୍ରତି ଆମ ପ୍ରତିବଦ୍ଧତାର ଏକ ପ୍ରମାଣ ଅଟେ । ଆମେ ଓଡିଶାର ଜୀବନ୍ତ ବ୍ୟବସାୟ ପରିଦୃଶ୍ୟର ଏକ ଅଂଶ ହୋଇ ଉତ୍ସାହିତ ଅଛୁ ।' ସେହିପରି ଏମ୍ଡିଇଣ୍ଡିଆର ପ୍ରତିଷ୍ଠାତା ବ୍ରିଜ୍ ଶର୍ମା କହିଛନ୍ତି, ଆମେ ଆମର ଅଭିବୃଦ୍ଧି ଯାତ୍ରା ଓ ପ୍ରଭାବ କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ବଢିଥିବାରୁ ଏହା ଏମ୍ଡିଇଣ୍ଡିଆ ପାଇଁ ଗର୍ବର ମୁହୂର୍ତ୍ତ । ଆମର ଲକ୍ଷ୍ୟ ହେଉଛି ସମସ୍ତ ହିତାଧିକାରୀଙ୍କ ପାଇଁ ଦୀର୍ଘସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ଏବଂ ଏହି ସମ୍ପ୍ରସାରଣ ଉକ୍ତ ଲକ୍ଷ୍ୟ ସହ ଉପଯୁକ୍ତ ଭାବେ ମେଳ ଖାଉଛି ।' ନୂଆ କାର୍ଯ୍ୟାଳୟରେ ଅଭିଜ୍ଞ ଓ ଗ୍ରାହକ-ଅନୁକୂଳ ଏମ୍ଡିଇଣ୍ଡିଆ ପ୍ରଫେସ୍ନାଲଙ୍କ ଏକ ଟିମ୍ କାର୍ଯ୍ୟ କରିବ ଯିଏ ଟିପିଡବ୍ଲ୍ୟୁଓଡିଏଲ୍ ଓ ସମ୍ବଲପୁରବାସୀ ତଥା ଆଖପାଖ ଅଂଚଳର ଲୋକଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ।ନ୍ତ

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray